ଯାହାଙ୍କ ଗାଁରେର ସଙ୍ଗିନଙ୍କୁ ପେ ମାର୍ଗ ଦେଖାଉ

ଦିଖାଇ ଦେଇ, ଯାହା ମଧ୍ୟରେ ବୁଲୁ ଥାଏ

ଅନୁସର ଦେବତାଙ୍କୁ ସନ୍ତୋ ଦିଅନ୍ତି,

ତାଙ୍କର ଚରଣକମଳରେ

ଅର୍ପଣ କଲି ।

ଲେଖକ—

GPNanda Colln., Digitized by srujanika@gmail.com

ଦାବିଶ ଯାଉଥିଲେ ଫାଶିକି

ଯଦି କେବେ ଉତ୍କଳୀୟ ସ୍ବାଧୀ ସମ୍ରାମର ଇତିହାସ ଲେଖାହୁଏ ତେବେ ହଳଦ ବସନ୍ତର ବାହୁଡା ପଧାନଙ୍କୁ ସେ ଇଂଲଣ୍ଡର ହ୍ୟାମ୍ପଡେନ, ଇଟାଲୀର ଗାରିବାଲ୍ଡି, ଅବା ଭାରତର ମହାତ୍ମା ଗାନ୍ଧିଙ୍କ ସଙ୍ଗରେହିଁ ଆସନ ମିଳିବ, ଏଥିରେ ସନ୍ଦେହ ନାହିଁ । କାରଣ ସେହିଁ ଚଷାପୁଅ ପଦ୍ମପୁର ତାଲୁକର ପ୍ରବଳ ପ୍ରତାପ ଜମିଦାରଙ୍କ ସଙ୍ଗରେ ମୁଣ୍ଡ ପକାଇ ପାଞ୍ଚବର୍ଷ କାଳ ଲଢ଼ି ଲଢ଼ି ଶେଷରେ ଜମିଦାରଙ୍କ ଗାଲରେ ଚୂନକାଳି [illegible] ଗଲେ । ମାଘ ଦିନର ପାହିଁ ସୁଝା ମୁଣ୍ଡ ନିଆଁ [illegible] ସେ କିଛି ସାମାନ୍ୟ ଲୋକ ନୁହେଁ । ଏହା ଦ୍ବାରା ପଧାନଙ୍କ ପୂର୍ବ [illegible] ପାଖ ଡୋଙ୍ଗଏ ଖଣ୍ଡି ଗାଁରେ [illegible] । ମାଘ ବସ୍ତ୍ରର । ମନ୍ଦିରର ଦେବତାଙ୍କର ନୈବେଦ୍ୟ ଓ ଚଣ୍ଡ, ବଡ଼ପଣ୍ଡା ଓ ପୂଜାପଣ୍ଡା ମାନଙ୍କର ଦକ୍ଷିଣା ଅଉ ଟହଲିଆମାନଙ୍କର ଅଣ୍ଟାଭୂଞ୍ଜା ଯାଇ

GPNanda Colln., Digitized by srujanika@gmail.com

ତାଙ୍କର ବାଙ୍କ ଯାହା ରହଲ ତହିଁରେ ପଧାନଙ୍କର ଅଙ୍ଗ ଦିନକୁ ଦିନ ବଢି ଚାଲିଲା । ଅଶ୍ୱରର କଠୋର ତାଡନାରେ ପଧାନେ କଲବଲ ଛଟପଟ ହୋଇ ଶେଷକୁ ସେହି ଅଙ୍ଗ ଶୂନ୍ୟ ହିଜଳକୁ ବାଟ କାଟିଲେ ।

ପଦ୍ମପୁର ତାଲୁକା ପୂର୍ବେ ମଙ୍ଗରାଜ ବଂଶର ଜମିଦାରୀ ଥିଲା । ଉକ୍ତ ବଂଶର ଶେଷ ଜମିଦାର କୃଳାଙ୍ଗାର ଗଙ୍ଗାଧର ମଙ୍ଗରାଜ ବିଳାସ ବ୍ୟସନରେ ମାତ ଅନେକ ଦେଣା କରି ଋଣଶୋଧରେ ପୁନା ଥାଳୀ ପଦ୍ମପୁରତାଲୁକାକୁ ହରାଇ ବସିଲେ । ନୂତନ ଜମିଦାର ପ୍ରସନ୍ନ କୁମାର ଅଶଦ୍ମ ନେଲେ । ମିଶ୍ର ତାଲୁକ ଦଖଲ କରିବା ସମୟରେ ପଧାନେ ପୁରୁଣା ସାତ ପୁରୁଷ ଜମିଦାରଙ୍କ ପକ୍ଷରେ ରହି ଜମିଦାରୀ ଦଖଲରେ ବାଧା ଦେଇଥିଲେ । ତେଣୁ ନୂତନ ଜମିଦାରଙ୍କ ସଙ୍ଗରେ ପଧାନଙ୍କର ପ୍ରଥମରୁ ଅତି ନକୁଳ ସମ୍ପର୍କ ଥିଲା । ପଧାନଙ୍କ ଜଣେ ଭଲ ଅଣ୍ଡୁଆ ଚଉଅଣିଆ ଲୋକ ପୁଣି ତାଲୁକ ଥାନରେ ଚିହ୍ନା ହାନ କରିବରେ ପଧାନଙ୍କର ଅଜସ୍ର ଜାଣନ୍ତି, ତେଣୁ ଗଲା ଦଶବର୍ଷ ହେଲା ଜମିଦାର ବିଶେଷ ଚେଷ୍ଟା କରି ମଧ୍ୟ ପଧାନଙ୍କ ଜାଲରେ ପକାଇ ପାରି ନ ଥିଲେ । ତହିଁରେ ପୁଣି ପଧାନଙ୍କର ଏକମାତ୍ର ପୁତ୍ର ପୂର୍ଣ୍ଣଚନ୍ଦ୍ର ମାଇନର ବୃତ୍ତି ପାଇ କଟକରେ ପଢନ୍ତି, ତୋତାମାଙ୍କ ଜମିଦାରଙ୍କ କଚେରୀ ବାଟେ ଦିବା ଆସିବା କରନ୍ତି । ଯେତେ ହେଲେ ଜଣେ ଧନୀ ଲୋକର ପୁଅ ଓ ଛମୁକରଣମାନଙ୍କ ଦାଣ୍ଡ ପିଣ୍ଡାରେ ବସିଥିବା ବେଳେ ସେମାନଙ୍କର ଅଂଗର୍ଷେ ଧଧାମାଙ୍କ ନିର୍ଭୟରେ ଗିବା ଆସିବା କରିବ, ଏହା ଗରିବଙ୍କ ମା ବାପ ମାନଙ୍କର ଧାତୁରେ ଗଳକୁ କେତେଦିନ ? ତହିଁରେ ପୁଣି ବୋଝ ଉପରେ ନଳିତା

GPNanda Colln., Digitized by srujanika@gmail.com

ବିକ୍ରିତା ପର, ଘୃତବତ ଘରେ ପ୍ରଜାମାନଙ୍କୁ ଋଣ କର ସ୍ୱମାନ୍ୟ-ମାନଙ୍କୁ ବାକିର ପାଉଣା ନଦେବା ପାଇଁ ଓ ବେଠ ବେଗାରି ନ କରିବା ପାଇଁ ସେମାନଙ୍କୁ ମତାଇବ ? ଦୋକାନ୍ତାର କଣ ନମ୍ ଦମାଇ ! ତେବେ ଜମିଦାରଙ୍କ ମନକଥା ମନରେ ଥାଏ।

ଏଥି ମଧ୍ୟରେ ପଧାନନର ଉପରେ ଦାଉ ସାଧିବାକୁ ଜମିଦାରଙ୍କୁ ଗୋଟିଏ ସୁଯୋଗ ମିଳିଲେ। ଗ୍ରାମର ପାଠଶାଳା ଘେନି ଗ୍ରାମ ମଧ୍ୟରେ ଦଳାଦଳି ସୃଷ୍ଟି ହେଲା । ତେଣୁ ପଧାନଙ୍କ ବିପକ୍ଷ ଦଳ ଜମିଦାରଙ୍କର ଆଶ୍ରୟ ନେଲେ।

ପୂର୍ଣ୍ଣଚନ୍ଦ୍ରଙ୍କର ସଙ୍ଗରେ ନାରଙ୍ଗପଡ଼ା ମଧୁ ସ୍ୱାଇଁଙ୍କର କନ୍ୟା ସରସ୍ୱତୀ ଉରଫ ପିତାଙ୍କର ବିବାହ କରିବା କଥା ପୂର୍ବରୁ ସ୍ଥିର ହୋଇଥିଲା। ମଧୁସ୍ୱାଇଁ ପଧାନଙ୍କ ଅପେକ୍ଷା ଧନୀ ନହେଲେ କଅଣ ହେବ, ପଧାନଙ୍କ ପର ନାମଜାଦା ନୁହନ୍ତି। ଯାହାହେଉ ଦୁଇ ନୂଆଁଙ୍କର କାଳକୁ କାଳ ପଡ଼ିଲା।

ପୂର୍ଣ୍ଣଚନ୍ଦ୍ର ପ୍ରବେଶିକା ପରୀକ୍ଷା ଦେଇ ସାରି ଗ୍ରାମକୁ ଆସିଲେ। ପଞ୍ଚ ଦଶମୀ ଦିନ ବିବାହ। ଅବଶ୍ୟ ପାଲିଙ୍କି ଛଡ଼ା ନାଚ ଶକ୍ତ୍ରୁ ସ୍ତୁହ୍ନି ପଧାନେ ବିବାହର ଆୟୋଜନରେ ଲାଗିଲେ। ବିବାହ ବ୍ରତ ପ୍ରସ୍ତୁତ ଉତ୍ସବ ଦେଖିଲେ ଗ୍ରାମର ଦଳାଦଳି ଭଲ ଭାବ ପାଇଲା ହୁଏ। ଏ ଜେଦରେ ତାଙ୍କର କୌଣସି ବ୍ୟତିକ୍ରମ ଘଟି ନ [illegible] ପଧାନଙ୍କର ବିପକ୍ଷ ଦଳର ବଦ୍‌ପଣ୍ଡାମାନେ ବିଦ୍ଧ କରିଥିଲେ, ପଧାନ ବାପୁଡ଼ା ସେମାନଙ୍କୁ ଗୋଡ଼ ହାତ ଧରି ନେହୁରା ହେବ। ମାତ୍ର ପଧାନେ ତ ତାଙ୍କ ବଥା ବାଟେ ଭୁଙ୍ଗିଲିବେ ପଛକେ ନଇଁବେ ନାହିଁ। ସେ

GPNanda Colln., Digitized by srujanika@gmail.com

ବିଧିରକ୍ଷା ପାଇଁ ସମସ୍ତଙ୍କୁ ନିମନ୍ତ୍ରଣ କଲେ । ମାଂସ ଭ... ଅଛିକି ନଅଛିକି ତାହାଂ ପ୍ରତି କୌଣସି ଭ୍ରୂକ୍ଷେପ କଲେ ନାହିଁ । ଏଥିରେ ବଡ଼ଟଣ୍ଡାମାନଙ୍କର ହାଡ଼ ଜଳ ଗଲା ଓ ପଧାନଙ୍କୁ ଭଲ କରି ପାଠେ ଦେବା ପାଇଁ ଜମିଦାରଙ୍କ ସଙ୍ଗରେ ସେମାନେ ପରାମର୍ଶ କଲେ । ବିବାହ ଦିନ ପଧାନେ ବର ଓ ବରଯାତ୍ରୀ ନେଇ ନାରଙ୍ଗପଡ଼ାରେ ପହଞ୍ଚିଲେ । ବିବାହ ସୁରୁଖୁରୁରେ ସମାପ୍ତ ହେଲା । ବିବାହ ପରଦିନ ବନ୍ଧୁ ବାନ୍ଧବ ସହ ପଧାନେ ବିଦାୟ ହୋଇ ଆସିଲେ ।

ପୂର୍ଣ୍ଣଚନ୍ଦ୍ର ଶ୍ୱଶୁର ଘରେ ରହିଲେ । ଚଉଠୀ ଓ ଷାଠ ମଙ୍ଗଳା ଭଲରେ ଭଲରେ ଶେଷ ହେଲା । ଦୁଇ ସମ୍ବନ୍ଧୀଙ୍କ ମଧ୍ୟରେ ଅନ୍ତଃକାଳର ନୂଆ ପ୍ରଥା ଅନୁସାରେ ଦିଅ ନିଅର କୌଣସି ଚୁକ୍ତି ହୋଇ ନ ଥିଲେ ମଧ୍ୟ ସ୍ୱାଇଁ ଏ ଅନ୍ୟାନ୍ୟ ଡାଲୋରଡ ଯୌତୁକ ସଙ୍ଗରେ ଖଣ୍ଡିଏ ଦାମିକା ବାଇସାଇକେଲ ଦେଇଥିଲେ । ଅଠମଙ୍ଗଳା, ସେଦିନ ଶ୍ୱଶୁର ଘରେ କେହି ଜୋଇଁଙ୍କ ମୁହଁ ଦେଖିବେ ନାହିଁ । ତେଣୁ ସୂର୍ଯ୍ୟ ଫାଟିବା ପୂର୍ବରୁ ପୂର୍ଣ୍ଣଚନ୍ଦ୍ର ଶ୍ୱଶୁରଙ୍କ ପ୍ରଦତ୍ତ ସାଇକେଲିରେ ଚଢ଼ି ଗ୍ରାମକୁ ବାହୁଡ଼ିଲେ । ଘର ଥୋଡ଼ ପଛରେ ଅଛିଲି । କନ୍ୟା ତ ସାଙ୍ଗରେ ଯିବା କଥା ନୁହେଁ— ଛିଲି କନ୍ୟା ।

ଜଗନ୍ନାଥ ସଡ଼କରୁ ପଧାନଙ୍କ ଘରକୁ ଯିବା ପାଇଁ ଖଣ୍ଡିଏ ଛୋଟ ମାଟି ସଡ଼କ ...ଛି, ବାଟରେ ଜମିଦାରଙ୍କ କଚେରୀ । ପୂର୍ଣ୍ଣଚନ୍ଦ୍ର ଜମିଦାରଙ୍କ କଚେରୀ ଦାଣ୍ଡରେ ଆସି ପହଞ୍ଚିବା ମାତ୍ରେ ଦୁଇଜଣ ପିଅଦା ଆସି ତାଙ୍କୁ ଅଟକାଇ ଜମିଦାର ବାବୁଙ୍କର ହୁକୁମ ବୋଲି କହିଲେ । ପୂର୍ଣ୍ଣଚନ୍ଦ୍ର ଘରେ

GPNanda Colln., Digitized by srujanika@gmail.com

ଗା ପଞ୍ଜା ବଦଳ କର ଯିବେ ବୋଲି ଉଦ୍ଧବାନ୍ତୁ ଲୋମାନେ "ଟଙ୍କାଏ ବାଅଣ ଖୁଣି କରି ଯିବେ" ବୋଲି ଏକାଥିମ୍ ଲାଗାଇଲେ। ପୂର୍ଣ୍ଣଚନ୍ଦ୍ର ବଡ଼ ଅନ୍ଧକାରେ ବାରଣ୍ଡି ଦାଣ୍ଡ ପାଖକରେ ଚେର ଦେଇ ହୁଡା ଉଡବକୁ ଗଲେ। ଜମିଦାର ଦାଣ୍ଡ ଚୌପାଢରେ ଚୌକି ଉପରେ ବସିଥିଲେ, ଓ ଅମଲ ମାନେ ତଳେ ସତରଞ୍ଜ ମଣିଣାରେ ବସି କାଗଜ ଲେଖୁଥିଲେ। ପୂର୍ଣ୍ଣଚନ୍ଦ୍ର ପ୍ରଥମେ ସେଠାରେ ପହଞ୍ଚି ଜମିଦାରଙ୍କୁ ନମସ୍କାର କରିବାର ଦେଖି ନାଏବ ବାବୁ ନିଅଁ ବାଣ ହୋଇ ଗାଳି ଦେଲେ "ସେତେବେଳେ ହାତରେ ଟଙ୍କା ଥ। ଏତାଙ୍କୁ ଦେଲେ ମୁଣ୍ଡ ଲଗାଇ ଚୋଡ଼ନେଲେ ପଡ଼ିବାକୁ ହୁଏ।" ପୂର୍ଣ୍ଣ-ଚନ୍ଦ୍ରଙ୍କ? ଓଳନ୍ଧ ହେଲେ ତେଜ ପ୍ରଜାମାନ ଅଶୁଦ୍ଧ ହୋଇ ଗଲେ? ଜଣେ ପ୍ରଜା ଖୋଦ ଜମିଦାରଙ୍କର ଆଗରେ ଏପରି ଧୃଷ୍ଟତା କରିବ, ଏହା ଜମିଦାରଙ୍କର ନିତାନ୍ତ ଅସହ୍ୟ ହେଲା, ସେ କହିଲେ, "ଚୁପ୍ ରହୋ ଶାଲା।"

ପୂର୍ଣ୍ଣ-ଆପଣ ଜମିଦାର ଓ ବଡ଼ଲୋକ; ଏପରି ଶ୍ଳେଷ ଦେବା କଥା ଆପଣଙ୍କ ଉଚିତନ୍ତ?

ଏହା ଶୁଣି ଜମିଦାର ରାଗରେ ଜୋଟିପଣେ ପାଗ ଲାଲ ନାଲ ହୋଇଗଲେ ଓ କ୍ରୋଧର ଅତିଶଯ୍ୟରେ ଚୌକିରୁ ଉଠି ପୂର୍ଣ୍ଣଚନ୍ଦ୍ରଙ୍କ ଗାଲରେ ଅଚ୍ଛା କରି ଦୁଇଟି ଲାତ ଦେଲେ। ପୂର୍ଣ୍ଣଚନ୍ଦ୍ର ଗୋରା, ପତଳା ଲୋକ, ସେ ଏ ପ୍ରହାରର ପାଇ ନହନ୍ତି, ସଙ୍ଗରେ ଜରଜର ହୋଇ ସେ ସେଠାରେ ପାଟଣ ବାନ୍ଧିଣି ପଡ଼ିଥ ଯୋଡ଼ାଏ କଥା ଜମିଦାରଙ୍କର ବେଳ ଶୁଣାକୁ ଦେଖାଇ ଦେଲେ। ଏ କଥା ଦେଖି ପ୍ରଥମେ ସମସ୍ତଙ୍କର ଆଖି ଝୁଲ ହୋଇଗଲା ଓ ପରକ୍ଷଣରେ ଗୁମାସ୍ତା ନାଏବ ଓ ପିଅଦାମାନେ

GPNanda Colln., Digitized by srujanika@gmail.com

ପୂର୍ଣ୍ଣଚନ୍ଦ୍ରଙ୍କୁ ଯେବେ ଯାଇ ତାଙ୍କ ଉପରେ ଅଚ୍ଛା ଏବଂ ସୁଷ୍ଠୁ ଉତ୍ତମ ମଧ୍ୟମ ଲଦି ଦେଲେ । ପୂର୍ଣ୍ଣଚନ୍ଦ୍ର ମଧ୍ୟ ଅନ୍ୟବସ୍ଥା ପାଇ ରାଗରେ ହତଜ୍ଞାନ ହୋଇ ଯାହାଙ୍କୁ ଆଗରେ ପାଇଲେ ତାଙ୍କୁ ଅଣ୍ଟାକର ବଚେଇଲେ । ଶେଷରେ ସମସ୍ତେ ମିଶି ତାଙ୍କ ହସ୍ତ କଣ୍ଠରେ ଲଙ୍ଗଳ ଦଉଡ଼ିରେ ବାନ୍ଧି ପକେଇଲେ । ଏତେସ ବାଡ଼ କବାଟ ଫିଟାଇ ଚୋର ସିରସ୍ତା ଭାଙ୍ଗି ପଶ ଦ୍ରେବ୍ୟ ଏଣ ନେଇ ଯାଇଥିଲେ ବୋଲି ଜୁର ଭଲେ । ସାଙ୍ଗେ ସାଙ୍ଗେ ଗ୍ରାମ ଚୌକିଦାର ଆସି ପହଞ୍ଚିଲା ଓ ପୂର୍ଣ୍ଣଚନ୍ଦ୍ରଙ୍କୁ ତଥାକଥିତ ଚୋର ମାଲ୍ ସହ ଥାନାକୁ ଚାଲାଣ କରାଗଲା ।

ପଧାନେ ଏ କାଣ୍ଡ ସମୟରେ ଘରେ ନ ଥିଲେ । ପଦା ଗାଁ ଧାନ ଅମଳ କରିବାକୁ ଯାଇଥିଲେ । ସାଙ୍ଗେ ସାଙ୍ଗେ ଲୋକ ଯାଇ ତାଙ୍କୁ ଏ ଦୁଃସମ୍ବାଦ ଦେଲେ । ପଧାନେ ଘରକୁ ଆସି ସବୁ ହାଲ୍ ଚାଲ୍ ବୁଝି ଅଖିଅ ଅପିଅ ଥାନାକୁ ଗଲେ ।

ସେ ଦିନ ପୁଲିସ ସାହେବ ଥାନା ପରିଦର୍ଶନ କରୁଥିଲେ । ତେଣୁ ଚୌକିଦାର ଛାମୁକରଣ ଓ ପାଖରେ ପୂର୍ଣ୍ଣଚନ୍ଦ୍ର ଥାନା ପିଣ୍ଡାରେ ବସିଥିଲେ, ସାହେବ ବାହାରି ଗଲେ ଯାଇ ଏତେସ ଦଅପିବାର କଥା ।

ପଧାନେ ଯାଇ ଥାନାରେ ପହଞ୍ଚିଲେ । ପୂର୍ଣ୍ଣଚନ୍ଦ୍ର ପିଢ଼ାକୁ ଦେଖି କାନ୍ଦ ପକାଇଲେ । ମାଏ ପଧାନେ ପୁଅକୁ ଦମ୍ଭ ଦେଇ କହିଲେ "ବାପା କିଛି ଚିନ୍ତା ନାହିଁ, ଦେଖାଯିବ ।

ପଧାନେ କନେଷ୍ଟବଲମାନଙ୍କର ମନା ନମାନି ଥାନା ଭିତରକୁ ପଶିଯାଇ ହାତଯୋଡ଼ି ଅଧା ଓଡ଼ିଆ ଅଧା ହିନ୍ଦିରେ ସମସ୍ତ କଥା ସାହେବଙ୍କର ଆଗରେ କହିଲେ ଓ

GPNanda Colln., Digitized by srujanika@gmail.com

ସାହେବ ଯଦି ଏ କଥାର ତତ୍ତ୍ୱ ନ ନେବେ, ଆଜ ଏକ
ଜଣେ ସାମାନ୍ୟ ସ୍ତ୍ରୀ, ପ୍ରବଳ - ପ୍ରତାପ ଜମିଦାରଙ୍କର
ଦୌରାତ୍ମ୍ୟରେ ପଡ଼ି ନଷ୍ଟ ହୋଇଯିବ ବୋଲି ବଡ ଦୁଃଖ
ହୋଇ ଜଣାଇଲେ । ଏହା ଶୁଣି ସାହେବ, ଚୌକିଦାର,
ଛମୁକରଣ ଓ ପୂର୍ଣ୍ଣବାବୁଙ୍କୁ ସାଙ୍ଗେ ସାଙ୍ଗେ ଡକାଇଲେ ।
ଛମୁକରଣଙ୍କ ଠାରୁ ଏତକ ଜାଣିଲେ ଓ ପୂର୍ଣ୍ଣବାବୁ ମଧ୍ୟ
ଜମିଦାର ଓ ନାଏବ ପ୍ରଭୃତିଙ୍କ ନାମରେ ଏତକ କହେ ।
ସାହେବ ସମସ୍ତ କଥା ଶୁଣି ଶେଷରେ ମୁନ୍ସିବାବୁଙ୍କୁ
ଇଂରାଜୀରେ କହିଲେ, "ସ୍ତ୍ରୀର କଥା ସବୁ ମିଛ, କାରଣ
ଦିନ ଦଶଟା ବେଳେ ଗଡ଼େସ୍ତରେ ଏତେ ଲୋକ ଥାଇ କେହି
ସାହସ କରି ସ୍ତ୍ରୀର କରିବାକୁ ଆସିବ ନାହିଁ । କେହୁ ବେଳ
ଧରୁ କାମିଙ୍କ ପିଣ୍ଡ, ବହୁଲୋକ ହାତରେ ବାଣ, ସାଇକେଲ ଦଙ୍କି
ଏଥିର ପଡ଼ୁ ଫେରିବା ବାଟରେ ସ୍ତ୍ରୀର କରିବ ଏହା ମୋର
ଜମା ବିଶ୍ୱାସ ହେଉ ନାହିଁ ।" ଏହା ପରେ ଚୌକିଦାରଙ୍କୁ
ପୁଣି ପଚାରିଲେ "ଅରେ ଏ ବାବୁଙ୍କ ସାଇକେଲ କେଉଁଠି ଥିଲା ?
ଚୌକିଦାର—"ଅଜ୍ଞା ହଜୁର, ଅମେ ଆସିଲା ବେଳେ
ଦାଣ୍ଡ ଫାଟକ ପାଖେ ଠିଆ ହୋଇଥିଲା ।" ଏହା ଶୁଣି
ସାହେବ ଠୋ ଠୋ ହୋଇ ହସି ଉଠି କହିଲେ, "ସବୁ ତ
ଶୁଣିଲ, ଅତି ଶୀଘ୍ର ଉକ୍ତ ସ୍ଥାନକୁ ଯାଅ, ତଦାରଖ କରି
ମୋ ପାଖରେ ପରାମର୍ଶ କରି ରିପୋର୍ଟ ଦେବ ।" ପୂର୍ଣ୍ଣବାବୁ
ସାଙ୍ଗେ ସାଙ୍ଗେ ଯାମିନ୍‌ରେ ଖଲାସ ହେଲେ ଓ ସାହେବ
ବିଦା ହେବା ମାତ୍ରେ ମୁନ୍‌ସିବାବୁ ହଳଦିବସନ୍ତ ରଓନା
ହେଲେ । ସରଜମିନ୍‌ରେ ସାକ୍ଷୀ ପ୍ରମାଣ ନିଅଗଲା ।
ପୂର୍ଣ୍ଣବାବୁଙ୍କର ଅନେକ ଅତି ଅତ୍ମୀୟ ଅସି ତାଙ୍କ ସପକ୍ଷରେ
କଥାମିଛ ଲଗି ଦେଇ ଗଲେ । କିନ୍ତୁ ସମସ୍ତ ପ୍ରମାଣ ମିଥ୍ୟା

GPNanda Colln., Digitized by srujanika@gmail.com

ବୋଲି ପ୍ରତୀତ ହେଲା । ଶେଷରେ ପୂର୍ଣ୍ଣବାବୁଙ୍କୁ ମାତ୍ର ମାସ ବେଆଇନ ଅଟକ ରଖି ମିଥ୍ୟା ଚେଷ୍ଟର ମକଦ୍ଦମା କରିଥିବାରୁ, ଜମିଦାର, ନାଏବ, ଘମୁଚରଣ ଓ ପିଅଦାମାନଙ୍କ ବିରୁଦ୍ଧରେ ସରକାର ତରଫରୁ ମକଦ୍ଦମା ଚାଲିଲା । ଅବଶ୍ୟ ଜମିଦାରଙ୍କ ତରଫରୁ ତୁଳସୀର ବନ୍ଦୋବସ୍ତ ହୋଇଥିଲା । ମାତ୍ର ପୁଲିସ ସାହେବଙ୍କ ଜିଦ୍‌ରେ ସବୁ ବ୍ୟର୍ଥ ହେଲା । ଶେଷରେ ଜମିଦାର ଓ ନାଏବଙ୍କୁ ୫୩୦୦୯ ଲେଖାଏଁ ଜରିମାନା ଓ ଅନ୍ୟମାନଙ୍କୁ ତିନି ମାସ ଲେଖାଏଁ ଘଣାଟେକା ହୁକୁମ ହେଲା । ଏବେ ଘମୁଚରଣେ ମିଥ୍ୟା ଏତେକ କରିଥିବାରୁ ଅଳ୍ପର ଅଧିକା ତିନିମାସ ମାମୁଁଘର ଦେଖିଲେ ।

ବେଙ୍ଗି ଉପରେ କୋରଡ଼ା

ତିନିବର୍ଷ ଧାନ ପଧାନ ଓ ପୂର୍ଣ୍ଣଙ୍କ ନାମରେ ଶହେ ନମ୍ବର ଫଉଜଦାରୀ ମକଦ୍ଦମା, ଅନ୍ୟ କେତେମାନଙ୍କୁ ଫିଟେଇ ଭଳି ଜମିଦାରଙ୍କ ଦ୍ୱାରା କରିଥିଲେ । ଅବଶ୍ୟ ସବୁ-ଥିରେ ପଧାନଙ୍କର ଜିତାପଟ ହେଲା । ଶେଷରେ ଦେଖାଗଲା ପଧାନଙ୍କ ପକ୍ଷରୁ ପାଞ୍ଚହଜାର ଓ ଜମିଦାରଙ୍କ ତରଫରୁ ପ୍ରାୟ ଛଅ ହଜାର ବୋଧ ଯାଇଛି ।

ପୂର୍ଣ୍ଣଚନ୍ଦ୍ର ପ୍ରବେଶିକା ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେହେଁ ସବୁବେଳେ ମାଲିମକଦ୍ଦମାରେ ମୁହାଁଇ ହେବାରୁ ସେ କଲେଜରେ ନାମ ଲେଖାଇ ପଢ଼ି ପାରିଲେ ନାହିଁ । ପଧାନଙ୍କ ଅବସ୍ଥା ଦିନକୁ ଦିନ ଖରାପ ହେବାରେ ଲାଗିଲା । ସବୁବେଳେ ମାଲିମକଦ୍ଦମାରେ ବ୍ୟସ୍ତ ହୋଇ ରହୁବାରୁ, କୃଷିକାମ ବୁଝିବାକୁ ତାଙ୍କୁ ବେଳ ମିଳିଲା ନାହିଁ

GPNanda Colln., Digitized by srujanika@gmail.com

ତା' ଉପରେ ପାଞ୍ଚହଜାର ପର୍ଯ୍ୟନ୍ତ ଦେଣା ହୋଇଗଲା । ଜମିଦାର ଓ ତାଙ୍କ ଉପଯୁକ୍ତ ବେକମାନଙ୍କ ଶିକ୍ଷାରେ ମହାଜନମାନେ ତାଙ୍କୁ ଟଙ୍କା ଡାଟିଦା କରିବାକୁ ଲାଗିଲେ । ମାମଲା ମକଦ୍ଦମାରେ ବହୁ ଅସମୟରେ ଗାଧୁଆ ପାଧୁଆ ଖିଅପିଅ କରିବାରୁ କ୍ରମେ କ୍ରମେ ତାଙ୍କର ସ୍ୱାସ୍ଥ୍ୟଭଙ୍ଗ ହେଲା । ସେ ଭଙ୍ଗା ନାବକୁ ସେତେ ପ୍ରକାର ଯୋଡ଼ି ଚଳାଇବାକୁ ବସିଲେ ଧର୍ମ ଅବଳରୁ ସବୁ ପସର ପାଟି ଗଲା ।

ବୋହୂ ବର୍ଷେ ହେଲା ବାପ ଘରେ ରହୁଲାଣି । ଅସନ୍ତା ମାଘର ଦ୍ୱିତୀୟା ଦିନ ପୂର୍ଣ୍ଣଚନ୍ଦ୍ରଙ୍କର ଦୁବାଷତ-ଘର ହେବାର ସ୍ଥିର ହେଲା । ବିବାହ ସମୟରେ ପୂର୍ଣ୍ଣଚନ୍ଦ୍ର ତାଙ୍କ ସ୍ତ୍ରୀ ଅପରିଜ୍ଞାତା ସେ ପ୍ରକୃତ ଗୋଟିଏ ସୁଶୀଳ ଅପରିଜ୍ଞାତା ଅର୍ଥାତ ନପଠ ଭାଳ, ତାହା ତାଙ୍କ ଗୋଡ ହାତରୁ ଜାଣି ପାରିଥିଲେ । ପୁଣି ସେ ସେ ନିତାନ୍ତ ଅସୁନ୍ଦରୀ ହୋଇଥିବେ ଏହା ସେ ଅନୁମାନ କରିଥିଲେ । ବିବାହ କରି ଫେରିବା ବାଟରେ ଜମିଦାରଙ୍କ ଦ୍ୱାରା ସେଥର ଭାଣ୍ଡ ହୋଇ ମାଲ୍ମକଦ୍ଦମା ଘରେ ପଶିଲା, ତେଣୁ ସେ କନ୍ୟା ଯେ ଗୋଟିଏ ଅଲକ୍ଷଣୀ ଏଥିରେ ତାଙ୍କର ସନ୍ଦେହ ନ ଥିଲା କାରଣ କହନ୍ତି ପରା "ପାଦକେ ଘର, ପାଦକେ ହତଶ୍ରୀକ" । ଯାହାହେଉ ଜାତେ ଦିନ ସନ୍ଧ୍ୟାକୁ ବୋହୂ ଅସି ପହଞ୍ଚିଲ । ସ୍ୱାମୀଏ ଶତ୍ରୁକୁ ଚାହିଁ ଭଲ ଭାବଥୋଇ ଦେଖୁଥିଲେ ।

ବୁଢ଼ା ପଧାନଙ୍କୁ ପୂର୍ବରୁ ପ୍ରବଳ ଜ୍ୱର ହୋଇ ଥିବାରୁ ସେ ଶଯ୍ୟାଶାୟୀ ହୋଇଥିଲେ, ଜାଗର ଦିନ ସକାଳୁ ଅତି ଜ୍ୱର

GPNanda Colln., Digitized by srujanika@gmail.com

ମାନଲେ ନାହିଁ ସତକୁ ଦେହ ବିଶେଷ ବଳୀୟସ । ପୂର୍ଣ୍ଣଚନ୍ଦ୍ର ବଧିରତା ହେତୁ କେବଳ ସ୍ତ୍ରୀଙ୍କର ଶଯ୍ୟାମାତ୍ର ସ୍ପର୍ଶ କରି ଅପି ପିତାଙ୍କ ସେବା ଶୁଶ୍ରୂଷାରେ ଲାଗିଲେ ।

ସକାଳୁ ବୁଢାଙ୍କର ଚେତା ନଥିଲା । ପାହାନ୍ତିଆ ପହରକୁ ଚେତା ଆସିଲା । ବୁଢା ପୂର୍ଣ୍ଣଚନ୍ଦ୍ରଙ୍କୁ ଖୁବ୍ ବଡ ପାଟିକରି କହିଲେ, "ବାପା ! ଏପରି ଅଧୈର୍ଯ୍ୟ ହେଲେ ଚଳିବ କିପରି ? ଆମେ ତ ଜନ୍ତୁ ଦାସୀଦାସୀ କରି ମଣିଷ ମଣିକାଞ୍ଚନରେ ସମସ୍ତ ଜଡ଼ାଇ ଦେଇ ନାହୁଁ । ଆମେ ଅନାଥ—ଅନାଥଙ୍କର ବନ୍ଧୁଙ୍କରେ ଅଷ୍ଟାଙ୍ଗ ଲଗେଇ ଦେଇଛେ । ତେବେ ଚିନ୍ତାଟାଏର ରକ୍ତା କଣ ? ସେ ଯାହା କରୁ ପଛକେ ଆମ ହାତରୁ ଜଗନ୍ନାଥ ମହାପ୍ରଭୁଙ୍କୁ ଛଡ଼ାଇ ନେଇ ପାରିବ ନାହିଁ । ବାପରେ ମନେ କରିବୁ ନାହିଁ ସେ ଅନ୍ଧ ଜଣେ ହାକିମ ହୋଇଛନ୍ତି ବା ଜମିଦାର ହୋଇଛନ୍ତି, ଧନ ଦୌଲତରେ ଭରପୂର । ଗାଡିଘୋଡ଼ା ଚଢି ବୁଲୁଛନ୍ତି ତାଙ୍କ ଭାରି ବାହାଦୁରୀ । ମାତ୍ର ତୁମ ଭୂଇଁଆ ବାହାଦୁରୀ ଏହାକୁ କହନ୍ତି ନାହିଁ । ଜୀବନର କଟେଇରେ ଉଏ କେତେ ଦୁଃଖ କଷ୍ଟ ସହୁ ଓ କେତେ ପରିଶ୍ରମ କରି ମୁଣ୍ଡ ଟେକନ୍ତୁ, ତା କେଉଁ ମଣିଷର ପ୍ରକୃତ ମୂଲ୍ୟ ହୁଏ । ସେଠେ କେବେ ଯାହା ପଡ଼ୁ, ସବୁ ଧୈର୍ଯ୍ୟ ଧରି ତୁଲେଇବାକୁ ହେବ ।" ଏତକ ଏକା ନିଶ୍ୱାସରେ କହିଦେବାରୁ ବୁଢାଙ୍କର ଅଣନ୍ତୁସ ବଢିଲା ଓ ସୂର୍ଯ୍ୟୋଦୟ ପୂର୍ବରୁ ବୁଢା, ଜମିଦାର ଓ ମହାଜନ ନଥିବା ରାଜ୍ୟକୁ ଚାଲି ଗଲେ ।

ଏପରି ଅପ୍ରତ୍ୟାଶିତ ବିପଦରେ ପୂର୍ଣ୍ଣଚନ୍ଦ୍ର କିଂକର୍ତ୍ତବ୍ୟବିମୂଢ ହୋଇପଡ଼ିଲେ । ତାଙ୍କର ଭାବନା ସବୁ ଶେଷ ପାଇଲେ । ମାତା ଓ ପିତାଙ୍କର କରୁଣ ମୃତ୍ୟୁରେ ତାଙ୍କର ଚେତା ହଜିଲା ।

GPNanda Colln., Digitized by srujanika@gmail.com

ଶେଷରେ ସେ ପିତାଙ୍କର ମୃତ୍ୟୁଶଯ୍ୟା ଉପଦେଶ ସ୍ମରଣ କରି ଦମ୍ଭ ବାନ୍ଧି ପିତାଙ୍କର ଅନ୍ତ୍ୟେଷ୍ଟିକ୍ରିୟା ସମାପନ କଲେ ।

ସମସ୍ତେ କହିଲେ ବୋହୂଟା ଭାରି ଅଲକ୍ଷଣୀ, ଭର୍ତ୍ତା ଡାହାଣୀ । ବଡ଼ ହେଉ ହେଉ ଘରେ ମାମଲା ପଡ଼ିଲା । ପୁଣି ଘରେ ପାଦ ଦେଉଁ ଦେଉଁ ଶ୍ୱଶୁରଙ୍କୁ ଖାଇଲା । ଏହାପରେ ପାଖ ଲୋକଙ୍କ ଠାରୁ ପାଞ୍ଚ କଥା ପୂର୍ଣ୍ଣଚନ୍ଦ୍ର ପରୋକ୍ଷରେ ଶୁଣି ତାଙ୍କର ପୂର୍ବ ଧାରଣା ମନରେ ବଦ୍ଧମୂଳ ହେଲା । ସେହିଦିନଠୁ ଡାଲୀବୋତସ୍ତି, ତର୍ଦ୍ଧରେ ପୁଣି ଏପରି ଅଲକ୍ଷଣୀ ସ୍ତ୍ରୀର ସଙ୍ଗରେ ଦେଖା ସାକ୍ଷାତ କରିବା ଦୂରେ ଥାଉ ଅକସ୍ମାତ୍ ଯେବେ ସେ ତାଙ୍କ ଯଗରେ ପଡ଼ୁଥିଲେ, ପୂର୍ଣ୍ଣଚନ୍ଦ୍ର ଘୃଣାରେ ମୁହଁ ବୁଲାଇ ସେଠାରୁ ଘୁଞ୍ଚି ପିଞ୍ଚି ହୋଇ ପଳାଉଥିଲେ । ବୁଢ଼ୀ ପୁଅର ଏପରି ବ୍ୟବହାର ଦେଖି ଝୁରି ଝୁରି ଲୁଣିଆ ଅଶ୍ରୁ, ଝର ଝର ଓ କାନ୍ଦାକଟା କଲେ । ମାଏ ବୋହୂର ଗ୍ରହ ପଡ଼ୁଥିଲା ପୁଅର ସବୁ ଲେଉଟିଲା ।

ପିତାଙ୍କ ମୃତ୍ୟୁ ପରେ ପୂର୍ଣ୍ଣ କହୁ ଜମିବାଡ଼ି ବିକାବିକି କରି ସମସ୍ତ ଋଣ ପରିଶୋଧ କରିଦେବେ ବୋଲି ସ୍ଥିର କଲେ । ସେ ବିଚାରିଥିଲେ ତାଙ୍କର ଏପରି ବିପଦ ଦେଖି ଉତ୍ତମର୍ଣ୍ଣମାନେ ଅବଶ୍ୟ ତାଙ୍କ ପ୍ରତି ଦୟା କରି ମୂଳେ ମୂଳେ ବା ନାମ ମାତ୍ର କିଛି ସୁଧ ନେଇ ତାଙ୍କୁ ରେହାଇ କରିଦେବେ ମାତ୍ର ଶେଷରେ ଦେଖିଲେ "ଧନସ୍ୟ କରୁଣା ନାସ୍ତି । ସେ ମାତାଙ୍କ ସଙ୍ଗରେ ପରାମର୍ଶ କରି ଗାଈଗୋରୁ ଓ ଗୃହର ଯେତେକ ଜିନିଷ ପତ୍ର ଓ ଜମି ବାଡ଼ି ବିକି ସମସ୍ତ ଦେଣା ପରିଶୋଧ କରିଦେଲେ । ଶେଷରେ ରହିଲା ଘରବାଡ଼ି ଓ ଦୁଇ ମାଣ ଜଳ ଜମି । ପୂର୍ଣ୍ଣଚନ୍ଦ୍ର ଜମିରେ ଲୁଗ ବୁଣିଲେ

GPNanda Colln., Digitized by srujanika@gmail.com

ଲଗାଇ ଖଣ୍ଡିଏ ମୁକଦ୍ଦମା ଉଦ୍ଦେଶ୍ୟରେ କଟକ 'ପ୍ଲିଡର୍‌ଗଣେ ଜମିଦାରଙ୍କର ଶରଣାପନ୍ନ ହେବାରୁ ଅନେକ ଲୋକ ଆସି ତାଙ୍କୁ ପ୍ରବର୍ତ୍ତାଇଲେ ମାତ୍ର ତହିଁରେ ସେ କୌଣସି ପ୍ରକାର ମଜିଲେ ନାହିଁ ।

କଟକ ଆସି ସେ ମୁକଦ୍ଦମା ପାଇଁ ବାରମ୍ବାର କ୍ଷତିଗ୍ରସ୍ତ ହୋଇ ଶେଷରେ ପାଠୁଆ ବେପାରର ମୂଳ ଉପ୍ତିବନ୍ଧ, ପ୍ରାଇଭେଟ୍ ଟିଉସନ୍ ଦୁଇଖଣ୍ଡି ଯୋଗାଡ଼ କଲେ । ଏହିକର କଷ୍ଟ ଖରଚ ଚଳାଇ ମା'ଙ୍କ ନିକଟକୁ ନିୟମିତ ରୂପେ ମାସିକ ୨୦୯ କରି ପଠାଇଲେ ।

ଦୁଃଖେ ସୁଖେ ଛଅ ସାତ ମାସ କଟିଗଲା । ଦିନେ ସେ ଗାଧୋଇ ବସି ଖାଇବାକୁ ଯାଉଛନ୍ତି, ଏହି ସମୟରେ ଗାଁରୁ ବାଦୋଇ ବାରିକ ଆସି କହିଲା ଯେ ଏଥି ମଧ୍ୟରେ ଜମିଦାର ନମ୍ବ୍ରୁ ଛାପାରେ ତାଙ୍କ ନାଁରେ ଖଜଣା ନାଲିଶ କରି, ଘରବାଡ଼ି ଓ ହେଉଁ ଜମି ୧ ମାଣ ଥିଲା ତାକୁ ନିଲାମ କରି ସେ ଦିନ କଲଟେଷ୍ଟ ମିଅଦା ଆଣି ଘରବାଡ଼ି ଓ ଜମି ଦଖଲ ନେଲେ । ବୁଢ଼ୀ ଓ ବୋହୂ ତାଙ୍କ ଭାଗବତ ଘର ପୁର୍ଣ୍ଣରେ ଅଛନ୍ତି । ତାଙ୍କ ଦାଢ଼ ଓ ବଡ଼ବାଗ୍ସା ଯେତେ ସେମାନଙ୍କୁ ଜମିଦାରଙ୍କ ଭୟରେ ଆଶ୍ରୟ ଦେଲେ ନାହିଁ । ଏକଥା ଶୁଣି ପଣ୍ଡିତଙ୍କ ଛାତି ଫାଟିଗଲା ପରି ଲାଗିଲା । ସମସ୍ତ ଦୁଃଖ କଷ୍ଟ ସେ ବୁକୁବାନ୍ଧି ସହିଥିଲେ ଓ ଭବିଷ୍ୟତକୁ ସହି ଯିବାକୁ ମଧ୍ୟ ସେ ପ୍ରସ୍ତୁତ ମାତ୍ର ଅନ୍ଧ ବାହୁଡ଼ା ପଧାନଙ୍କ ସ୍ତ୍ରୀ ଓ ବୋହୂ ଦାଣ୍ଡର ଭିକାରୁଣୀ ପରି ଭାଗବତ ଘର ଗୁଳିଅରେ ଆଶ୍ରୟ ନେଲେ । ଏହା ନିତାନ୍ତ ଅସହ୍ୟ, ଯେ କୌଣସି ଉପାୟରେ ସେ ଏ ଘୋର ଅନ୍ୟାୟର ପ୍ରତିଶୋଧ ନେବେ । ସେଥିପାଇଁ ସେ ଯି ବ

GPNanda Colln., Digitized by srujanika@gmail.com

ତେବେ ସେ ଗ୍ରାମକୁ ଯାଇ ଏବେ ଜଣ୍ଡି ନେଇ କୌଣସି ଝଙ୍କାରେ
ହେଲୁ ନାଏବ ବାବୁଙ୍କ ଗୁଣ୍ଡ ଭରି, ନଚେତ୍ ଯାଇ ଥାନାରେ
ନିଜଙ୍କ ଦୋଷ ସ୍ୱୀକାର କରିବେ । ଏହି ସମୟରେ ତାହାଙ୍କର
ଜଣା ହୋଇଥିବା ସୁଧାବୃଷ୍ଟ ଯୁଗଳମୂର୍ତ୍ତିଙ୍କର ଛବି ଉପରେ
ତାଙ୍କର ଦୃଷ୍ଟି ପଡ଼ିଲା । ସେ ପ୍ରଥମେ ଯାଇ ଧୋଇସାରି ସେ
ଯୁଗଳଙ୍କର ପାଦତଳେ ମୁଣ୍ଡିଆ ମାରନ୍ତି । ସେ ତାଙ୍କ ନିକଟକୁ
ଦୌଡ଼ି ଯାଇ ମୁଣ୍ଡ ବାଡ଼େଇ କାନ୍ଦି କାନ୍ଦି କହୁଥିବେ,
'ହେ ଦୁଃଖୀର ଦେବତା, ତୁମ ମନରେ କଣ ଏହିଆ ଥିଲା ?'
ତାଙ୍କ ଆଖିରୁ ଧାର ଧାର ହୋଇ ଲୁହ ଛୁଟିବାକୁ ଲାଗିଲା ।
ଥରେ ଲୁହ ବହି ଯିବାରୁ, ତାଙ୍କ ବୁକୁ ଭାର କିଛି ଲଘୁ
ହେବାରୁ ସେ ପ୍ରକୃତିସ୍ଥ ହୋଇ ଶେଷରେ ସ୍ଥିର କଲେ ଯେ
ସେ ଗ୍ରାମକୁ ଯାଇ କାହାକୁ, ତାଙ୍କ ବାପ ଘରକୁ ପଠାଇ ଦେବେ
ଓ ମାଆଙ୍କ ପାଖରେ ଆଣି ନିଜ ନିକଟରେ ରଖିବେ । ଆଉ ହୁଲ-
ଚକ୍ର ଗ୍ରାମ ସଙ୍ଗରେ କୌଣସି ସମ୍ପର୍କ ରଖିବେ ନାହିଁ । ଆଉ
ଖୋଜିବେ କଅଣ ? ଭୋର ପାଖରେ ଗ୍ରାମକୁ ଗଲେ । ଅଳ୍ପ
ଦିନ ଦାରିଦ୍ର୍ୟର ଚାପରେ ବାହାର ଯିବାକୁ ତାଙ୍କ ଲଜ୍ଜା ବୋଧ
ହେଲା । ବାଡ଼ବାଟେ ଯାଇ ସ୍ୱଗୃହ ସ୍ଥଳରେ ପହଞ୍ଚିଲେ ।
ମାଆକୁ ଦେଖିବା ମାତ୍ରେ ସେ ଗାଈବଚ୍ଛର ପରି ଚଇଁ ଚଇଁ
ହୋଇ କାନ୍ଦି ଉଠିଲେ । ବୁଢ଼ୀ ପୁଅକୁ କୁଣ୍ଢାଇ ପକାଇ
ଆଖିରୁ ଲୁହ ପୋଛି ଦେଇ ବଡ଼ ଦୁଃଖ ସ୍ୱରରେ କହିଲେ
"ବାପଟି ମୋର ! ସୁନାଟି ମୋର ! ତୁମ ହୁଅ, ନୁ ଏପରି
ଅଧୈର୍ଯ୍ୟ ହେଲେ କଅଣ ହେବ ? ହରିଶ୍ଚନ୍ଦ୍ର ରଜାଙ୍କ ଭଳି
ସେବକ ପଦ କର୍ମ ଅବେଳକୁ ପର ଘରେ ପୋଇଲା ହୋଇ
ଥିଲେ, ନଳ ରଜା ପୁଣି ଦିନେ ତ ଘୋଡ଼ା ଘାସ କାଟିଥିଲେ ।
ଏବଥି ପାଇଁ ଲଜ୍ଜା କଅଣ ? ନିଜର ଅଶାନ୍ତିରେ

GPNanda Colln., Digitized by srujanika@gmail.com

ନିଘଟତବେଳେ ଯାହା ଘଟିବ ତାକୁ ଅଉ ବଳ ତାହାର ?
'ଯାହା ଲେଖିବେ ସାଇଁ, ତା ତାହାର ହାତରେ ନାହିଁ ।' ଏଣିକି
ତ ଉପାୟ କରିବାକୁ ପଡ଼ିବ ଧୀର ସ୍ଥିର ହୋଇ ତା କରିବା
ଦରକାର । ଅହା, ମୋ ଧନ ମୁହଁ ଶୁଖି କରି କଳାକାଠ ପଡ଼ି
ଯାଉଛି । ରଙ୍ଗାବତୀ ହୋଇଛି, ଗୁଳ ନୁ ଅଗ ଟିକିଏ ଖାଇ
ଦେ, ପରେ କଥାବାର୍ତ୍ତା ହେବା ।" ବୁଢ଼ୀ ଅନେକ ବଳାଇବାରୁ
ସେ କିଛି ଖାଇଲେ । ସେତେବେଳେ ଭଡ଼ାଳ ତାଙ୍କ ବାପ ଘରକୁ
ପଠାଇଦେଇ ବୁଢ଼ୀଙ୍କୁ ସାଙ୍ଗରେ ନେଇ ବସିଲେ । ଯିବା କଥା
କହିବାରୁ ବୁଢ଼ୀ ହାତେ ଜିଭ କାମୁଡ଼ି ପକେଇ କହିଲେ,
"ଛି, ଛି, । ମୁଁ ଏ ବୟସରେ କୁଆଡେ ଯିବି ? ନା,
ନା, ସେ କଥା ହୋଇ ପାରିବ ନାହିଁ । ଧନେ ପୁଣି ଏ
ଅନ୍ଧାର ରାତ ପାହୁ ଯିବ । ଭଗବାନ ଶୀଘ୍ର ପ୍ରସନ୍ନ ହେବେ । ମୁଁ
ସେ ଦିନ ପର୍ଯ୍ୟନ୍ତ ତାଙ୍କୁ ଅପେକ୍ଷା କରି ଏହି କୁଡ଼ିଆରେ ପଡ଼ି
ରହିବି ତୁ ଯାଇ ଯା, ଛୁଟିରେ ମୋ ସାଙ୍ଗରେ ଦେଖା
କର ଜେ ଚଅଣି ମକଦମା କରିବୁ ବୋଲି କହୁଥିଲୁ ପରା, କର ।
ଏତେ ଅନ୍ଧାର ଭ ଏତେ ଅଳ୍ପ ଏହା ଦୁନିଆର ଲୋକ । ଆଉ
ଚୋରଠାରୁ କରିବ ପୁଣି 'ଧନେ ସୁଦିନ ଦିନ ଆସିବ ।"
ପୂର୍ଣ୍ଣଚନ୍ଦ୍ର ଅନେକ ଭାବିଥିଲେ ତାଙ୍କ ମା ବଡ଼ ବ୍ୟାକୁଳ ହୋଇ
କାନ୍ଦାକଟା କରୁଥିବେ ମାତ୍ର ଅଭ ମା'ଙ୍କ ମୁହଁରୁ ଏପରି ଦୃଢ଼ତା
ବ୍ୟଞ୍ଜକ ଅଶ୍ୱାସନା ବାଣୀ ଶୁଣି ତାଙ୍କ ମନରେ ପୁଣି ଦମ୍ଭ
ବାନ୍ଧିଲେ । ବୁଢ଼ୀଙ୍କର ଧାରଣା ଥିଲା ଯେ ଏପରି ଘୋର
ଦୁର୍ଦ୍ଦିନରେ ପୁଅ କଷ୍ଟରୁ ବୋହୁକୁ କୁଳପତି ବୋଧଶୋଧ
କରି କହିବ । ମାତ୍ର ପୂର୍ଣ୍ଣଚନ୍ଦ୍ର ତାଙ୍କ ସଙ୍ଗରେ ଦେଖା ସୁଦ୍ଧା
କଲେ ନାହିଁ । କଥାବାର୍ତ୍ତା ହେବାତ ଦୂରର କଥା ମାତ୍ର
କାରଣ ସେହି ଦିନ ସନ୍ଧ୍ୟା ସମୟରୁ ଭଡ଼ାଳ ଗ୍ରାଭବରେ -

GPNanda Colln., Digitized by srujanika@gmail.com

କୁଳବଜ ପରେ ନିଲାମ ରଦ୍ଦ ହେବା ପାଇଁ ସେ ମକଦମା ଦାଏରେ କଲେ । କର୍ମଦାରଙ୍କ ପ୍ରତାରଣାରେ ତାଙ୍କର ଯଥା ସର୍ବସ୍ୱ ଲୋକମାନେ ଅଧି ତାଙ୍କ ହୃଦୟରେ ଘାତ ଦେଇ ଦେଲେ । ମକଦ୍ଦମା ଡ଼ିସ୍‌ମିସ୍ ହେଲା । ସେ ବହୁ କଷ୍ଟରେ ଅପିଲ୍ ଦାଏର କଲେ । ତତ୍ପରେ ଉଚ୍ଚ ଅଦାଲତର ରାୟ ବାହାରିଲା । ସେ ଦିନର ତାଙ୍କ ମନର ଅବସ୍ଥା ବର୍ଣ୍ଣନା କରିବା ଅପେକ୍ଷା ଅନୁମାନ କରିବାହିଁ ସହଜ ।

ଯେଣେ ଇଚ୍ଛା ତେଣେ ଯା’ କର୍ମ ଘେନି ଛୁଟୁଥା’

ପୂର୍ଣ୍ଣଚନ୍ଦ୍ରଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା ଯେ ଉପର ଅଦାଲତରେ ନ୍ୟାୟବିଚାର ଜୟ ହେବ । ସେ ମକଦମାରେ ଜିତିବେ । ମାତ୍ର ସେ ଯେତେବେଳେ ଏ ଦୁଃସମ୍ବାଦ ପାଇଲେ ତାଙ୍କର ଦେହ ଝିମିଝିମି ହୋଇଗଲା ଓ ପେଟ ଭିତରୁ ଗୋଟିଏ ହୁଳା ଉଠିଲା । ସେ ବସାରୁ ବାହାରି ପଡ଼ିଲେ । ତାଙ୍କ ଚକ୍ଷୁ ଲୋତକ ଥିଲା । ଜନଗହଳ ଓ କୋଳାହଳ-ମୁଖର ରାଜପଥର ଗୋଟିଏ ପାଖରେ ସେ ଯେତେବେଳେ ତାଙ୍କର କ୍ଳାନ୍ତ ଚରଣକୁ ଥାପି ଜୀବନର ଅନିର୍ଦ୍ଦିଷ୍ଟ ଯାତ୍ରାରେ ପ୍ରଥମେ ଚାଲିଲେ, ସେତେବେବେଳେ ତାଙ୍କର ବକ୍ଷ ପିଞ୍ଜର କମ୍ପିତ କରି ଗୋଟିଏ ଦୀର୍ଘ ଓ ଉଷ୍ଣଶ୍ୱାସ ବାହାରି ପଡ଼ିଲା । ସେ ଗୋପାଳପୁର ଛାଡ଼ି ଅନ୍ଧ ଚେଇଁ ଅଦୃଷ୍ଟ ଶକ୍ତି ବଳରେ ଚାଲିଚାଲି ହୋଇ ଯାଜପୁର ମହାନଦୀ କୂଳରେ ପହଞ୍ଚିଲେ । ସେ ସେଠାରେ ଅନେକ ସମୟ ବସି ରହିଲେ । ଦିବାନ ମାର୍ତ୍ତଣ୍ଡ ପଶ୍ଚିମାକାଶ କୁଙ୍କୁମ ରାଗରେ ରଞ୍ଜିତ କରି-ଅସ୍ତଗିରି ପଛରେ ଅଦୃଶ୍ୟ ହେଲେ । ଶରତ ସନ୍ଧ୍ୟାରେ ମହାନଦୀର ଦୃଶ୍ୟ ଅତି ମନୋହର । ଶରତ୍ ଋଷିଙ୍କର ଶୁଭ୍ରମେଘ ଖଣ୍ଡମାନ, ଘନ ନୀଳର

GPNanda Colln., Digitized by srujanika@gmail.com

ତରଙ୍ଗମାନଙ୍କର କଳ କୂଜନ, ନଭ ଭେଦୀ ପବନରେ ଗର୍ଜ୍ଜି ମର୍ମର ଛନ୍ଦବଦ୍ଧ ଓ ଛଡଣଟେଡ଼ ନାଉରିମାନଙ୍କର କଣ୍ଠ ନିର୍ଗ ତୁଳସୀ ଦାସଙ୍କର ଦୂଅ, ଏମାନେ କେହି ହେଲେ ତାଙ୍କ ଜ୍ୱାଳାମୟ ହୃଦୟକୁ ଶୀତଳ କରି ପାରିଲେ ନାହିଁ । ସେଥିରେ ନଦୀ ମହାନଦୀର କୂଳ ବଳରେ ଶରକାଳ ପାଇଁ ଅଶ୍ରୁ ନେଇ ଟୋଳି ଛାଡ଼ିଲେ । ତାଙ୍କର ଏ ଅକାଳ ମୃତ୍ୟୁରେ ବୃଦ୍ଧ ମାଅଙ୍କର ଅବସ୍ଥା କଅଣ ହେବ ? ଦୁଃଖିନୀ, ସ୍ୱାମୀ ଦମତ୍ତମାନ ସଂସ୍ରବ ଶେଷରେ ରହିବା ବାସ ଜଣ୍ଡିତ ହବ୍ରବ ·ଦେବଳ ତାଙ୍କର ମୁହଁକୁ ଅନାଇ ବସି ରହିଛନ୍ତି । ନାଁ ନାଁ ସେ ଅଶ୍ରୁ ନ୍ତିଣା କର ଗାଇବେ ନାହିଁ । ମୃତ୍ୟୁ ଶେଯରେ ପିତାଙ୍କ ଉପଦେଶ ମାତାଙ୍କର ପ୍ରତିବାଦବାଣୀ ତାଙ୍କର ମନରେ ପଡ଼ିଲା । କିନ୍ତୁ ତାଙ୍କୁ ଜୀବନ ଯୁଦ୍ଧରେ ଅଗ୍ରସର ହୋ ଭୂକୁଚାଣ କଟିପଡ଼ିବାକୁ ହେବ ।

ଏପରି ଅବସ୍ଥାରେ ସେ ଗ୍ରାମରେ ତାହା ପାଖରେ ମୁହଁ ଦେଖାଇବାକୁ କୁଣ୍ଠା ବୋଧ କଲେ । ଏ ଦାରୁଣ ସମ୍ବାଦ ଓ ମାତାଙ୍କ ନିକଟକୁ ପଠାଇବାକୁ ହେବ । କଟକ ଷ୍ଟେସନକୁ ତାଙ୍କ ଗାଁ ଲୋକେ ଆସିଥିବେ, ତାହା ହାତରେ ଖବର ପଠାଇବେ ବୋଲି ସ୍ୱଡ଼ ସେ ଷ୍ଟେସନରେ ଯାଇ ପହଞ୍ଚିଲେ । ତାଙ୍କର ଗାଁ ପାଖ ପଦାଶାହିରୁ ଜଣ ବାଳକ ଲୋକ କଲିକତା ଯାଉଥିଲେ । ସେ ଅନେକ ଦିନୁ ନ ବୁଝ ସେମାନଙ୍କ ସଙ୍ଗରେ କଲିକତା ଚାଲିଗଲେ । ସେଠାରେ ପହଞ୍ଚି ସେ ଅନେକ ପ୍ରକାର ବୋଧ ଦୋଷପଦର ପାଥ ପାଖକୁ ଚିଠିଏ ଲେଖି ଦେଲେ । ଔଷଧୀଙ୍କୁ ତାଙ୍କ ଚୋଟି ବୋଝ କଳରେ କଣ୍ଠିଏ ଭୁଲ ସମ୍ବାଦ ଡାକ ପଡ଼ିଲେ

GPNanda Colln., Digitized by srujanika@gmail.com

ମାଣିକର ଯାପକୁ ଗ୍ରାହ୍ୟ କାଟିଏ ହେବା ଏହି ବଳକୁ । ଉପକାରିତାର ଅପୃତା ମିଳିବାର ମଧ୍ୟ ଥାଏ । ସେ ଦେନ ଚେଳେ ମାଆଙ୍କର ଶ୍ରେଷ୍ଠ ବନ୍ଦନା ଗାଇ ତୋଟପଡ଼ୁଏ ଅଶ୍ରୁ ଝରେ । ତତ ମାନବର ସେ ଧରକୁ ତତ୍ତ୍ୱ ହେବା ଠୋକ ବିନି ନିଜ ଟାଣେର ନିଷ୍ଠୁର । ବନ୍ଧୁ ଧନଗରର ତାର ନେନ ଉତ୍ସାହ ହେଲେ ଯେ ସେ - ବଳିଦେଖାରେ ପୃଥିବୀରୁ ଦୁରନ ପଣ୍ଡ ରଡୁଲେ ତାଙ୍କ ପାଦରେ ବଳ ବ୍ରହ୍ମ ପଡ଼ିଲା ଛି ଥିଲା । ତା ପରେ ସେ ଶାଳୁ ପାଇ ତାଙ୍କର କଥା ମାନଙ୍କୁ ମୃଦୁ ଭାବ କହିଲେ । ମନୁଷ୍ୟ ଭାବନା ଭରେ ଯେ ତାଳି ମାଣ ଦ୍ୟୋତ କରେ ଅନ୍ୟ ପ୍ରତୀଭି ।

ପୂର୍ଣ୍ଣଚନ୍ଦ୍ର ତାଙ୍କର ଏ ସଙ୍କଳ୍ପ କଥା ମାତାଙ୍କର ଣାଙ୍କୁ କହିଲେ ଓ ତାଙ୍କର ଆଶୀର୍ବାଦ ଭିକ୍ଷା କଲେ । ମା ତାଙ୍କର ବେଞ୍ଚନିଷ୍ଠା କଥା ଭଲ ଭାବେ ଜାଣିଥିଲେ ତଥାପି ମାତୃ ହୃଦୟ ସୁଲଭ ସ୍ନେହ ଓ ମମତା ବଶତଃ ସ୍ୱାମୀଙ୍କୁ ଭୁବନେଶ୍ୱର ପାଇଁ ଯିବାକୁ ତାଙ୍କୁ ବାରମ୍ବାର ନେଇଥିଲେ । ମାଣ ପୂର୍ଣ୍ଣଚନ୍ଦ୍ରଙ୍କର ସେହି ଏକା କଥା ।

ଏମୋଣ ପୁତ୍ରଙ୍କର ଦୀର୍ଘ ଅଦର୍ଶନରେ ବୁଢ଼ୀ ନରେ ଟେମ ଅତ୍ୟନ୍ତ ବ୍ୟାକୁଳ ହେଲେ । ତାଙ୍କର ଦେହ କ୍ଷୀଣ ହେବାର ସେ ଥରେ ମାଣ ପୁତ୍ରକୁ ଦେଖିବାକୁ ଅଥଚ ହୋଇଗଲେ ବୋଲି ଶୁଣିଏ ଦେବଙ୍କ ଛଠି ପୁଅ ନିକଟକୁ ପଠାଇଲେ । ସ୍ୱାମୀଙ୍କୁ ତାଙ୍କୁ ନେବା ପାଇଁ ମାତାଙ୍କର ଚେ ... ଚୋଟିଏ ଛଳନା ବୋଲି ପୂର୍ଣ୍ଣଚନ୍ଦ୍ର ମନେ ମନେ ବୁଝିବା ... ଯିବା ନାଁ ଧରିଲେ ନାହିଁ ।

GPNanda Colln., Digitized by srujanika@gmail.com

ଏହାର ସ୍ଥିରଣନ ପରେ ·ସେ ଡାକ୍ତର ପାଖରୁ ତାର ପାଇଲେ ମାଙ୍କ ଦେହ ଶକ୍ତ ବେମାର ଶୀଘ୍ର ଅସ । ଏଥର ତାଙ୍କର ମନରେ ପ୍ରତ୍ୟୟ ଜନ୍ମିଲା ଯେ ପ୍ରକୃତରେ ତାଙ୍କ ମା ବେମାର ହୋଇଛନ୍ତି । ତାଙ୍କୁ ଗ୍ରାମକୁ ଯିବାକୁ ହେବ । ଯାହେ ଛୁଟି ନେଇ ସେ ଗ୍ରାମକୁ ଯିବାର ସମସ୍ତ ଆୟୋଜନ କଲେ । ପ୍ରାୟ ଦିନ ଦଶଟା ବେଳ ହେବ । ସେ ବଡ଼ ବଜାରରୁ ବସାକୁ ଫେରୁଛନ୍ତି, ପରଦିନ ଗ୍ରାମକୁ ଯିବେ; ବାଟରେ ବେଦ୍ ବେଦହୋତ୍ରଙ୍କ ସାଙ୍ଗରେ ଦେଖା ହେଲା । ବେଦହୋତ୍ର ଡେକନ୍ ହୋଟେଲ ବସାକୁ ଯାଉଥିଲେ । ପୂର୍ଣ୍ଣବାବୁ ବେଦହୋତ୍ରଙ୍କୁ ଅଟକା- ଇଲେ ଗ୍ରାମର ହାଲ ଚାଲ ପଚାରିଲେ । ବେଦହୋତ୍ରର ଘର ପଦାରୁ ହଲଦବସନ୍ତକୁ ଯାଉଥିବା ବାଟ ।

ବେଦହୋତ୍ର—ତୁମେ କଅଣ ତାର କ ଚିଠି ପାଇ ନାହିଁ ? ବୋଧହୁଏ ଅଜ ପାଇବ ।

ପୂର୍ଣ୍ଣ—ଦୁଇଦିନ ତଳେ ମାଙ୍କ ଦେହ ବେମାର ବୋଲି ତାର ପାଇଥିଲି । ବେଦହୋତ୍ର କହିଲେ ଶୀଘ୍ର ଗ୍ରାମକୁ ଯାଅ ।

ଏ କଥା ଶୁଣି ପୂର୍ଣ୍ଣଚନ୍ଦ୍ରଙ୍କର ହୃଦୟ ଛନ୍ଦିଗଲା । ସେ ବ୍ୟାକୁଳ ହୋଇ ପଚାରିଲେ—କଥା କଅଣ ? ମାଙ୍କ ଖବର କଣ କି ଅଛି ? ବେଦହୋତ୍ର ତୁମ ବୁଢ଼ୀ ବାଲି ଘଟାଇଲ ଗ୍ରାମରେ ମୁଁ ଆସିଲା ବେଳେ ତାଙ୍କୁ ଦାହ କରୁଥିଲେ ।

ଏତକ କହି ବେଦହୋତ୍ର ତାଙ୍କୁ କାନ୍ଦାଇବା ବେଳେ ଧୈର୍ଯ୍ୟ ଦେବାକୁ ଯାଉଥିଲେ । ମାତ୍ର ପୂର୍ଣ୍ଣଚନ୍ଦ୍ର କିଛି ନ ଶୁଣି ଚିତ୍କାର କରି କାନ୍ଦି ଉଠି କହିଲେ—ମଉସା ମତେ କଅଣ କହୁଛ ? ମୁଁ କଅଣ କରିବ ? କେଉଁ ମୁହଁରେ ମୁଁ କାହା ପାଖ ... ଯାଇବି ନାହିଁ ।

GPNanda Colln., Digitized by srujanika@gmail.com

ଯନ୍ତ୍ରାରେ ତାଙ୍କୁ କାନ୍ଦିବାର ଦେଖି ଅନେକ ନିକଟ ଲୋକମାନଙ୍କର ଲୁହ ପାଣିରେ ବୁଣ୍ଡ ହୋଇଗଲେ । ସେମାନଙ୍କର ତେଜସ୍ୱିଏ ତାଙ୍କ ଶକ୍ତିଏ ରକ୍ତରେ ଅଗ୍ନି ତାଙ୍କ ବକ୍ଷରେ ଲୁହ ଦେଇ ନିଜ ବସାକୁ ଫେରିଗଲେ ।

ପୂର୍ଣ୍ଣଚନ୍ଦ୍ର ଯନ୍ତ୍ରଣାରେ ପଡ଼ି ଅନେକ ସମୟ କାନ୍ଦିଲେ । ତାଙ୍କର ଏଥାପରେ ଆଉ କଅଣ ରହିଲା । ଯାହା ତ ଥାଇଥିଲା ... ଯେଉଁଠାରେ ତ ତାଙ୍କର କୌଣସି ସମ୍ପର୍କ ନ ଥିଲା କି ନାହିଁ । ଯେଉଁ ଘରେ ସେ ଦିନେ ଭୁବନ ମୋହନ ଦାସଙ୍କ ... ରେ ଜଣେ ହୋଇ ରହିଥିଲେ, ପ୍ରତିବେଶୀ ପଡ଼ୋଶୀଙ୍କର ଆଜି ଭାର ସେ ସେହିଠାରେ ବସି ଭାବ ଅନ୍ତଃକରଣ ଚୋରି ... ନାନା ମନେ ମନେ ଭଜନ କରୁଥିଲେ, ଆଉ ସେହି ... ତାଙ୍କର ବୋଲି କହିବାକୁ ଗୋଟିଏ ମଣିଷ ବି ନାହିଁ । ସଂସାରରେ ମାଆ ଛଡ଼ା ତାଙ୍କର ଅନ୍ୟ କୌଣସି ଆପଣାର ନ ଥିଲା । ସେହି ମା ଚେତନ ଅସ୍ଥିର ଓ ଅଜ୍ଞାନ ଅବସ୍ଥାରେ ବଦନରେ ସହାସ୍ୟରେ ତାଙ୍କୁ ଦିନେ ଆଶୀର୍ବାଦ କରୁଥିଲେ 'ପୁଅ କାନ୍ଦ ନାହିଁ । ଭବିଷ୍ୟତରେ ପୁଣି ଦିନେ ସୁଦିନ ଆସିବ' । ମାତ୍ର ସେହି ସୁଦିନ ଆସିବା ପୂର୍ବରୁ ଉଦ୍ୟାପନ ... ସମୟରେ ହିଁ ସେହି ମା ତାଙ୍କୁ ଏକାକୀ ଛାଡ଼ି ଚାଲିଗଲେ । ତାଙ୍କର ଆଉ ବଞ୍ଚିରହିବାର କି ପ୍ରୟୋଜନ ? ସେହି ପତିତ ପାବନ ଜଗନ୍ନାଥଙ୍କର ପୂତ ବକ୍ଷରେ ତାଙ୍କ ପରି ସହସ୍ର ସହସ୍ର ଅଭାଗା ସମସ୍ତ ଦୁଃଖ ଶୋକ ଭୁଲି ଚିର ନିଦ୍ରାରେ ଅଭିଭୂତ, ସେ ସେହି ତ୍ରିତାପ ହାରିଣୀ ମହୋଦଧିଙ୍କର ପବିତ୍ର କୋଳରେ ଆଶ୍ରୟ ନେବେ । ଦୁଃଖ ଓ ଉତ୍ତେଜନାର ଅବସାଦରେ ସେ ଉଠି ଚାଲି ... ଅପେକ୍ଷା କରିବା ଉଚିତ ନୁହେଁ ।

GPNanda Colln., Digitized by srujanika@gmail.com

ଯାଃଟେର୍ ଖାନ୍ଧି ହେବା ଭକ୍ତିରୁ ଥିଲା ସେଥିରେ ସେ କୁମାଳରେ ବାନ୍ଧ ଲୁଣ ପଟେଇଁରେ ରଖିଲେ। ଗଙ୍ଗା କୂଳରେ ଏଥର ସେ କୌଣସି ଧ୍ୟାନ ଦଣ୍ଡୀଙ୍କୁ ଧ୍ୟାନ କରି ଏକାବନବ୍ରତ ଉଦ୍‌ଯାପନ କରିବେ। ଏତାଦୃଶରେ ଯାଇ ଗଙ୍ଗାକୂଳରେ ହାଜର।

ଜୀବନରେ ବେଳେବେଳେ ଏମନ୍ତ ଗୋଟିଏ ଦୁଇଟି ଘଟଣା ଘଟି ଯାଏ, ଯାହାଦ୍ୱାରା ଜୀବନର ଗତି ସମ୍ପୂର୍ଣ୍ଣ ବଦଳି ଯିବାର କଥା, ମାତ୍ର ସାଧାରଣତଃ ଦେଖାଯାଏ ଯେ ଅଳ୍ପରେ ଜୀବନର ଗତି ବଦଳେ ନାହିଁ। ପୁଣି ଦେଖାଯାଏ ପାପ ବେଦରେ ଗୋଟିଏ ଗୋଟିଏ ଅତି ନଗଣ୍ୟ, ଅକିଞ୍ଚିତ୍କର ଘଟଣା ଘଟିଯାଏ, ଯାହାର ଫଳ ଅତୀତ ଓ ବର୍ତ୍ତମାନର ସମସ୍ତ ସମ୍ପର୍କ କ୍ଷଣକରେ ଛିନ୍ନ କରି ତାର ଜୀବନର ଗତିକୁ ସମ୍ପୂର୍ଣ୍ଣ ପୃଥକ୍ ମାର୍ଗରେ ନେଇଯାଏ। ମନୁଷ୍ୟ ଜୀବନର କର୍ଣ୍ଣଧାର ଓ ଦୁର୍ବଳତା ଲୁଚି ଯାଇ ନଦୀ ସ୍ରୋତରେ କ୍ଷୁଦ୍ରକାଠ ପରି ଘର ନିର୍ଦ୍ଦିଷ୍ଟ ବହିଗତ ପଥରେ ଗଡ଼ି ଚାଲେ।

ଅଇଲ୍ ଗୋସାଇଁ ମାଇଲ୍ ତାଳି
ଘେନିଗଲ୍ ମୋର ଖେଟେଡ଼ି ଥାଳୀ।

ଯୋଗୀଙ୍କ ଘାଟରେ ଆଜି ଭାରି ଭିଡ଼। ଚେହେରା ତାର ଜହାଜ ଛାଡ଼ିବା ବେଳ ହୋଇ ଆସିଲା। ଯାତ୍ରୀମାନେ ଯେ ଯାହାର ଜିନିଷ ପତ୍ର ଧରି ତାଡ଼ାତାଡ଼ି ଚଢ଼ୁଛନ୍ତି। କୁଲିଙ୍କ ଦଳ ସେମାନଙ୍କର ସଙ୍ଗରେ ଯାଉଛନ୍ତି ମାତ୍ର ତାଙ୍କର ତାହାର ପ୍ରତି ଭ୍ରୂକ୍ଷେପ ନାହିଁ। ଏହି ସମୟରେ ଗୋଟିଏ ଚଉଦ ବର୍ଷୀୟା ବାଳିକା ବେଶ ଅତି ଅସ୍ଥିର ଭାବ ହାତ ଧରି ପଚାରି ବୁଝି

GPNanda Colln., Digitized by srujanika@gmail.com

ଙ୍କୀ ମୁକ୍ତିତ ପଡ଼ି ଛଳ ଛଳ କରି ବଙ୍ଗଳାରେ କହୁଛି
ଦାଦା ତୁମ ଗୋରାମାନେ ପକ୍ଷୀ ମନ୍ଦ ଲକ୍ଷଣରୁ, ମନ୍ଦ
ର ଲକ୍ଷଣରେ ଶେଷ୍ ନାଙ୍କୁ ନେଇ ଯାଇ ବାପାଙ୍କ ପାଖରେ
ଚିଠି ଦେଇ । ସତ୍ୟ କଥା ପରେ ଛାଡ଼ିଦେବେ କହୁଛି । ସେ ମନେ
ଜାଣିଲେ ଭଲ କରି ଦେଇଥିବ । ଦାଦା ତୁମ ଗୋଡ଼ ଧରୁଛି
ମୋ ପାଖରେ ନେଇ ଯାଅ" । ଧୂର୍ତ୍ତରେ ଏ କଥାର
ଶୀଘ୍ର ଚେଷ୍ଟା-ହରଣ ବୁଝି ନ ପାରି ସେ ବାଳିକାଟିର ମୁହଁକୁ
ଅନାଇ ଭଲ ଅନାଇଁ ରହିଲେ । ବାଳିକାଟି ଶୁଣି ସୂଚେ
ପାଏ କହିଲେ ତାହା ସୌନ୍ଦର୍ଯ୍ୟ ସମ୍ମୁଖରେ କିଛି ମାଦ ଜୁହା
ନାହିଁ । ତେଣୁ ସ୍ୱଭାବ ଭଦ୍ରଙ୍କ ସ୍ୱରରେ "ଶୁଣ ତ ମା
ଶ ସୌଷ୍ଠବ-ଚଉଦବର୍ଷର ଥାଳୀ ଫେଙ୍କ ?" କହୁ କହୁ
କହିବାକୁ ଲାଗିଲେ । ସେ ଦୁର୍ବଳଙ୍କର ଅବାଲ୍ୟ ପରିବିଳା,
ଓ ଅଧରର ପାନ ବଳୁଣୀଟି ଛାଡ଼ି ତାଙ୍କ ହାତ ଧରି ପଚାରି
ଲିଲେ "ଦାଦା ଟିକଟ ବନ୍ଦ ହୋଇ ଗଲା । ଆଉ ନେଇ
ଯିବ । ଚାଲ ଯାଉ ।" ତତ୍ପରେ ତାଙ୍କୁ ଭିତରେ
ନେଇ ଟିକଟଘର ଝରକା ପାଖରେ ପହଞ୍ଚି ଟିକଟମାଷ୍ଟରଙ୍କୁ
କହିଲେ "ଦୁଇଖଣ୍ଡ ଟିକଟ ଦିଅ" ।
ମାଧବ — ଦେଇଁ ଦ୍ୱାର ।

ବାଳିକା—ଦାଦା ଆଉ ଦାସ ତ । ଦୁର୍ଗେ, କିନ୍ତୁ ନ
ପହୁଞ୍ଚାଇ ମାଷ୍ଟରଙ୍କୁ କହିଲ "ମୁଁ ଆଉ ଦାସ" ମୁଖ ...
ଦେଇ ଅଡ଼ିକୁ ବଡ଼ ସେନେହପୂର୍ଣ୍ଣ ନୟନରେ ଅନାଇ କରି
କହିଲ "ଦାଦା ଟଙ୍କା ଦାମ ଦିଅ । ଖାଲିଆ ସୁନ୍ଦର ...,
...ଭରନା—ଟଙ୍କା, ଟଙ୍କା । ଦୁର୍ଗେ ମାଷ୍ଟରଙ୍କୁ ...
ଟିକଟର ମୂଲ୍ୟ ବୁଝି ... ଦୁଇ ଖଣ୍ଡ ଟିକଟ ଥାଇ ...

GPNanda Colln., Digitized by srujanika@gmail.com

ବାଳିକାଟି ହାତକୁ ବଢ଼ାଇ ଦେଲେ । ବାଳିକା ଟିକେଟ ନ
ନେଇ କହିଲା—ଦାଦା ତୁମରି ପାଖରେ ଥାଉ ମୋ ପାଖରେ
ରହିଲେ ହଜି ଯିବ । ତୁମ ବଛଣା ପଡ଼ ନାହିଁ ? ପୂର୍ଣ୍ଣଚନ୍ଦ୍ର
କହନ୍ତି ନ କହନ୍ତି ତାଙ୍କର ବଛଣା ପଡ଼ ଅଛି ନାହିଁ ବୋଲି ମୃଦୁ
ହସିଦେଲେ । ତତ୍ପରେ ସେ ବାଳିକାଟି, ନୂଆ ହୋଇ ଚାଲି
ଶିଖିଥିବା ଶିଶୁର ମାତା ହାତ ଧରି ଚାଲିବା ଶିଖାଇବା ପରି
ପୂର୍ଣ୍ଣଚନ୍ଦ୍ରଙ୍କର ହାତ ଧରି ତାଙ୍କୁ ଜାହାଜ ଉପରକୁ ନେଇ
ଗଲା । ପଚିଶାଭଳନ ୬ ଗୋଟିଏ ସ୍ଥାନରେ ତାଙ୍କୁ ବସାଇ ଦେଇ
କାହାଙ୍କର ବାହୁକୁ ଧରି ନିଜ ଅଙ୍ଗକୁ ସ୍ପର୍ଶ କରି କହିଲା 'ତୁମେ
ଏଠାରେ ଟିକିଏ ବସ ମୁଁ ଆସୁଛି ଭୟ ନାହିଁ ମୁଁ ଦେଖେଁ ।
ଏହି ସମୟରେ ଜାହାଜ ଛାଡ଼ିଲା । ବାଳିକାଟି ଗୋଟିଏ
ମଧୁର ଦୀର୍ଘ ନିଶ୍ୱାସ ଛାଡ଼ି ପୂର୍ଣ୍ଣଚନ୍ଦ୍ରଙ୍କର ନିକଟକୁ ଆସି କହି
ଆନନ୍ଦରେ କହିଲା । 'ଦାଦା ! ନା ସେ ଆସି ନାହିଁ । ମନେ
ଡେଡଣି ଖୋଜୁଛି । ଅଲକ୍ଷଣା ଖୋଜୁଥାଉ । ଦାଦା କାଳି
ମାଙ୍କର ଭବ ମହିମା ।' ବାଳିକାଟିର ଏପରି ଅଗ୍ରହ ଦିଶା ଭଥ
କଥା ଶୁଣିବାର ଅନନ୍ତରେ ତାର ସେ କମନୀୟ ମୁଖ ମଣ୍ଡଳର
ଅପୂର୍ବ ଶ୍ରୀ କମ୍ପା ଜାହାଜ ଛାଡ଼ ବାର ଯେ ଧ୍ୱନି, କେହି
ହେଲେ ପୂର୍ଣ୍ଣଚନ୍ଦ୍ରଙ୍କର ମନକୁ ସ୍ପର୍ଶ କରି ପାରିଲେ ନାହିଁ ।
ସେ ଯେ ଗୋଟିଏ ଅପରିଚିତା ଓ ସମ୍ଭ୍ରାନ୍ତ କନ୍ୟା ବାଳିକାଟି
ପଦେ କଥାରେ ଟିକେଟ କିଣି ଅଣି କରି ଟେଲିଙ୍ଗ୍ ମେଲରେ
ବସିଗଲେଣି ଓ ଯେଉଁ ଭାଗ୍ୟବାନଙ୍କର ବକ୍ଷରେ ସେ ଚିରକାଳ
ପାଇଁ ଆଶ୍ରୟ ନେବାକୁ ଆସିଥିଲେ, ତାଙ୍କୁ ଦେଖି ଏ ଜାହାଜ
କଣ୍ଠିତ ଦେହ ପାବନ ବକ୍ଷକୁ ଶାନ୍ତିବାସ କରି ଜୀବ ବେଗରେ
ସାଗରବକ୍ଷମଧ୍ୟରେ ଧାବମାନ ଏହା ମଧ୍ୟ ତାଙ୍କର ଜ୍ଞାନ ନାହିଁ ।
ଜଳେ ବୁଡ଼ନ୍ତ ଜନଙ୍କର ତିନ୍ତି ପଶି ତାକୁ ନକୁରଳ ଧର ତାଙ୍କ

GPNanda Colln., Digitized by srujanika@gmail.com

ଭିତରେ କଏ ଗୋଟାଏ ପଣି ତାଙ୍କ, ନୟନର ପର
ଉଠିଲେ । କତ୍ତକ୍ଷଣ ପରେ ସେ ବାଲଭାଟି ଅପି ତାଙ୍କର
ଅଞ୍ଚଳ ପରିତ୍ରିତା ଚେତ୍ନା ସାନ ଭଉଣୀ ପର ଭାଇ ଦେବଙ୍କୁ
କୁମାର ପଡାଇ ବଡ ଅନାଦରେ କହିଲ, "ଦାଦା ସେ ଲକ୍ଷ୍ମୀ-
ଛୁଣି ଅସି ନାହିଁ ମତେ ତେଣେ ଖୋଜା କର ମରୁଛ । ଦାଦା
ତୁମେ ନ ଥିଲେ ଆଜ ମୋ ଦଶା କଅଣ ହୋଇ ଥାଅନ୍ତା
ଭଲା ? ମୁଁ ନିଷ୍ଟୟ ଟଙ୍କାରୁ ଡେଇଁ ପଡ଼ି ପ୍ରାଣ ହରାଇ
ଥାଅନ୍ତ । କାଳୀମାଙ୍କର ଦୟାରୁ ତୁମକୁ ଦେଖିଲି । ତୁମ
ଆସିଥିଲେ ମୁଁ ଏ ବାଟଦନ୍ତୁ ରକ୍ଷା ପାଇ ଯିବ ନବାକ-
ମ୍ଭ ସେଠାରେ ଭଏ ଅଛି ମୋ କାନରେ କହୁଥିଲ ।"
ଏଣେ ବାଲଭାଟି ଯେ ତାଙ୍କ ଟିର ଗାଳିଦାଙ୍କର ଚେହେର ଅଛୁଇ
ଜୋବାକୁ ଯାଉଥିଲ ଓ ତେଣେ ଅଦୃଷ୍ଟ ଦେବତାର ନିର୍ଦ୍ଧ-
ଣର ଦୁର୍ବଳ ପ୍ରାଣୀ ସେ ଅକାଳ ମୃତ୍ୟୁ ମୁଖରୁ ରକ୍ଷା ପାଇ
ଅଛି ଅଲଗା ଭବିଷ୍ୟତର ଦେଖି ଶୋଣା ଲୋହିତ ହୋଇଛନ୍ତି,
ଏହା ଭାବନା ମୁର୍ତ୍ତିଦେବଙ୍କ ଚିତ୍ତ ନୟନ ହୃଦୟରୁ ଏ ବାତ୍ରନ
ଉଠିଲ ନେତ୍ର ଅସେ । ତହିଁ ସେ ଭାଇଙ୍କ ଭକ୍ତି ଭଗ୍ନୀଙ୍କ
ବାଳଭାଟିକୁ ବଡ କରୁଣ ଚିତ୍ତରେ ଅନାଇଲେ । ବାଳଭାଟି
ହାତରୁ ତାଙ୍କ ଦେବଙ୍କୁ ହାତ କାଢି ନେଇ ବଡ ଅଶ୍ରୁପୂ
ହୋଇ ପଚାରିଲ । ଦାଦା ତୁମ ମୁହଁ କାହିଁକି ଶୁଖିକର ଗଳା-
କଣ୍ଠ ପଡ ଯାଉଛ । ବୋଧହୁଏ ଦିନଟା ପାଣି ପିଇଛ ଟାଇ
ନାହିଁ ? ମୁଁ ଯାଉଛୁ କିଛି ଜଳଖିଆ ଆଣେ । ଏତେ କହି
ଦେବ ପୂର୍ଣ୍ଣଚନ୍ଦ୍ରଙ୍କର ଉତ୍ତରକୁ ଅପେକ୍ଷା ନ କର ପତ୍ରାଳି-
ନର ଅନ୍ୟ ପ୍ରାନ୍ତକୁ ଗଲିଲେ । ଏତେ ଦିନ୍ ବାଳଭାଟି-
ଠାରେ ମାତୃ ହୃଦୟର ଏ ମହତ୍ତ୍ୱ ଅଭିବ୍ୟକ୍ତି ଦେଖି ସେ ଅଣ୍ଟା
ଉଠି ମାଙ୍କୁ ଚେଇଁବାକୁ ପାଉଁ ଲାଗିଲେ ତାଙ୍କର ଚେହେରା-

GPNanda Colln., Digitized by srujanika@gmail.com

ଦର ପୂର୍ଣ୍ଣଚନ୍ଦ୍ରଙ୍କର ଆଖି ଆଗରେ ନାଚିଗଲା ଓ ତାଙ୍କ
ଆଖିରୁ ଧାର ଧାର ହୋଇ ଲୁହ ଗଡ଼ି ପଡ଼ିଲା । କିଛିକ୍ଷଣ ପରେ
ସେ ବାଳକଟି ଗୋଟିଏ ଫର୍ଦ୍ଦ ଠୋଲରେ କେତେ ଗୁଡ଼ିଏ
ଜଳଖିଆ ଓ କୌଣସି ଗ୍ରାହକଙ୍କଠାରୁ ଢାଳେ ପାଣି ଆଣି ପୂର୍ଣ୍ଣ
ବାବୁଙ୍କ ନିକଟରେ ପହଞ୍ଚି, ତାଙ୍କ ଆଖିରେ ଲୁହ ଦେଖି ବଡ଼
କୋମଳ ସ୍ୱରରେ କହିଲେ, "ଦାଦା ତୁମେ କାନ୍ଦୁଛ, ଘର କଥା
ମନେ ପଡ଼ୁଛି ? ଆସ, ମୁହଁ ଧୋଇ ଏତିକି ଖାଇ ଦିଅ ।"
ପୂର୍ଣ୍ଣବାବୁ ହଠାତ୍ ମୁଖ ମାର୍ଜନା କରି କହିଲେ "ନାନା
ମୋର ଖାଇବାର ଇଚ୍ଛା ନାହିଁ, ତୁମେ ଖାଇଦିଅ ।" ବାଳକଟି
"ସ୍ୱା ନା କୋଉଠାଏ କଥା ? ମୁହଁ ଶୁଖି କଳା ଖପରା ହୋଇ
ଗଲାଣି, କିଛି ନା ଖାଇଲେ ନାହିଁ ଯାଅମ ।" ପୂର୍ଣ୍ଣବାବୁ
ନ କହିବାରୁ ଅବୋଧ ଶିଶୁଟି ଚନ୍ଦ୍ରମଣି ଜନନୀ ଆଦର କରି
ପୁଅଙ୍କୁ ପରି ବଡ଼ ଧୀର ସ୍ୱରରେ, କହିଲେ "ମୋ ସୁନା
ଦାଦାଟି ପରା — ଅଳ୍ପ ପର ଦେଲେ ହିଁ ନାହିଁ । ପୁଣି ଘୋଡ଼ାଗାଡ଼ି-
କର ଦଶଟାରେ ବାଟେ ଚଁମାଧରେ ଘରକୁ ଫେରିବ ସେ, ନା
ଖାଇଲେ ଦେହ ଖରାପ ହେବ, କଟେଦେଉଥିବ, ଲୁଣି ହାଉଥା
ପେଟ ଜାଳି ଉଠିଲେ ଯାତ୍ରା ହେବ ନେ । ବାଟରେ ମୋର ଶୋ
କହିବନି ।" ପୂର୍ଣ୍ଣବାବୁ ଅଜ ଏ ସହୃଦୟ ସ୍ନେହମୟୀ ବାଳକା-
ଟିକୁ ଦେଖି ସ୍ୱାପାରେ କହୁଥିବ ଯେ ଦରିଦ୍ର ମନୁଷ୍ୟ ବାଳକ
ଅଭୁକ୍ତଥା ତାଙ୍କର ଥିଲା ମାତ୍ର ଅଜ ସେ ସହର ଭାଗଳା
ପଡ଼ିଲା ନାହିଁ ସେ ପୁଣି କେଉଁ ଘରକୁ ଫେରିବେ ।
ତେବେ ଏ ନଗର ପ୍ରତଶ୍ୱ ସ୍ନେହମୟୀ ବାଳକାକୁ ସନ୍ତୁଷ୍ଟ କରି
ବାକୁ ସେ ଅନିଚ୍ଛା ସହକାରେ ଉଠି ସେ ଜଳଖିଆରୁ ପଟିଏ
ଆଣି କହିଲେ "ତୁମ କଥା ରଖିବାକୁ ମୁଁ ଏ ଖଣ୍ଡିକ ଖାଉଛି,
ବାକିତକ ତୁମେ ଖାଇଦିଅ ।"

GPNanda Colln., Digitized by srujanika@gmail.com

ବାଳକଟି କାନ୍ଦି, ସେ କଥା ହୋଇ ପାରିବ ନାହିଁ । ଯେଉଁଠି ତୁମର ଖାଇବାକୁ ମନ୍ଦ । ମୋ ଘଣ ଯାଉ ଥିବ । ମୋର ଜୀବନ ଘଣ ତୁମେ ମରୁଛ ନ ଖାଇଲେ ମୁଁ କଥା କହିବି ନାହିଁ, ସବୁ ଜଳ ପାଣିରେ ଫୋପାଡ଼ି ଦେବି ।"
ପୂର୍ଣ୍ଣବାବୁ ଏ ବାଳକଟିର ଜନନୀଭକ୍ତିସୂଚକ ଅଭିମାନପୂର୍ଣ୍ଣ କୋମଳ ଅନୁରୋଧ ଉପେକ୍ଷା କରି ପାରିଲେ ନାହିଁ । ବାଧ୍ୟ ହୋଇ ଅର୍ଦ୍ଧଅଂଶ ଖାଇଲେ । ତାଙ୍କର ଖାଇବା ଦେଖି ସେ ବାଳକଟିର ମୁହଁ ଆନନ୍ଦରେ ଉତ୍ଫୁଲ୍ଲ ହୋଇଗଲା । ସେ ପୂର୍ଣ୍ଣବାବୁଙ୍କର ଭୁକ୍ତାବଶିଷ୍ଟ ଜଳଖିଆ ଖାଇଦେଇ ଥାଳିଟି ଫେରାଇ ଦେବାକୁ ଚାଲିଗଲା । କିଛିକ୍ଷଣ ପରେ କେଉଁଠାରୁ ୧୫ଟି ଏ କମଳା ଆଣି ପୂର୍ଣ୍ଣବାବୁଙ୍କ ହାତରେ ଧରାଇ ଦେଇ କହିଲା, "ଦାଦା, ଟିକିଏ ଚାଖିଯାଅ ।" ପୂର୍ଣ୍ଣବାବୁ ସେହି ଅପ୍ରତ୍ୟାଶିତ ସରଳ ବାଳକଟିର ଏପରି ଆନ୍ତରିକ ସ୍ନେହମମତା ଦେଖି କମ୍ପିତ ତୃପ୍ତି ବୋଧ କଲେ । ସେ ବଡ଼ ଧୀର ଓ ପ୍ରସାଦଭରା କଣ୍ଠରେ କହିଲେ, "ନା, ମୁଁ ବହୁତ ଖାଇଛି ନାହିଁ । ତୁମେ ଥାଅ, ଏଠାରେ ବସ ।" ବାଳକଟିର କଥା ପୁଣି ତାଙ୍କ କାନରେ ନ ପଶିଲେ ମଧ୍ୟ "ଦାଦା ତୁମେ ନ ଖାଇଲେ ମୁଁ ଗଙ୍ଗାକୁ ଡେଇଁ ପଡ଼ି ପ୍ରାଣ ହରାଇ ଥାଆନ୍ତି" କଥା ପଦକ ତାଙ୍କ ହୃଦୟର କେଉଁ ନିଭୃତ ସ୍ଥାନରେ ଆଘାତ କରୁଥିଲା । ସେ ମନେ ମନେ ଭାବିଲେ, "ଏ ବାଳକଟିର ଭଉଣୀକୁ ଦେଖା ହୋଇ ନ ଥିଲେ ସେ ମଧ୍ୟ ଗଙ୍ଗାରେ ଅନୁସରଣ କରିଥାଆନ୍ତେ । ଏ ବାଳକଟି ନିଶ୍ଚୟ କୌଣସି ଉପାୟ-ରହିତ ବିପଦରେ ପଡ଼ିଥିବ । ସ୍ୱଭାବତଃ ତାର ସବୁ ବୃତ୍ତାନ୍ତ ଜାଣିବାକୁ ତାଙ୍କର ବଡ଼ କୌତୁହଳ ହେଲା । ସେ

GPNanda Colln., Digitized by srujanika@gmail.com

ପଚ୍ଚାରିଲେ, "ତୁମ ନାଁ କଅଣ ? ତୁମେ ତାଙ୍କର ଜୀବନ ରକ୍ଷା-
ତାକୁ ଯାଉଥିଲ ?" ବାଳିକା ଆରମ୍ଭ କଲା । "ମୋ ନାଁ ପ୍ରଭା
ହେମ । ଆମ ଘର ମେଦିନୀପୁର କୁମ୍ଭାରପଡ଼ା । ଏବେ ବାପୁ
ମୋ ବାପା ରେଙ୍ଗୁନରେ ବାର୍ଡ଼ କୋମ୍ପାନୀରେ ଦଫାଦାର କାମ
କରନ୍ତି । ମୁଁ ଓ ମା ଘରେ ଥାଉ । ଆମର ଜମିବାଡ଼ି କିଛି
ନାହିଁ । ବାପା ଟଙ୍କା ପଠାନ୍ତି, ଆମେ ଚଳୁ । ଏବକୁ ପାଞ୍ଚମାସ
ହେବ ବାପାଙ୍କୁ ପକ୍ଷାଘାତ ଧରିଛି । ସେ ଚଳପ୍ରଚଳ ହୋଇ
ପାରିଲେ ନାହିଁ । ତାଙ୍କୁ ଆସିବା ତ ଦୂରର କଥା, ସେ କିଛି
ନେଇ ରେଙ୍ଗୁନରେ ଅଛନ୍ତି । ଏବକୁ ମାସେ ହେବ ଦଶ
ମାଆଙ୍କୁ ହଠାତ୍ ହାଇପଡ଼ ଧରିଲା । ମୋ ବାହାଘର ପାଇଁ
ବୋଲି ମା ଝିଅପଣିଆରୁ କାଟି କରି କୋଡ଼ିଏ ଟଙ୍କା ପାଖରେ
ରଖିଥିଲେ । ସେ ଟଙ୍କା ଖରଚ କରି ଡାକ୍ତର ଲଗାଇଲି । ମାତ୍ର
ଦଶଦିନ ପରେ ମା ମତେ ଦାଣ୍ଡରେ ବସାଇ ଚାଲିଗଲେ ।"
ବାଳିକାଟି ମାତୃବିୟୋଗ କାହାଣୀ ବର୍ଣ୍ଣନା କରୁ କରୁ କେଁ
ହୋଇ କାନ୍ଦି ଉଠିଲା । ଦୁର୍ଗାବାବୁ ମନେ ମନେ ଭାବିଲେ,
"ଆହା ! ଏ ବାଳିକାଟି ମଧ୍ୟ ମୋପରି ମାଁ ଛେଉଣ୍ଡ ।"
ବାଳିକାଟିକୁ କେତେ ସାନ୍ତ୍ୱନା ଦେଇ କହିବାରୁ ସେ କୁନି
ଟୋକି ପୁଣି ଆରମ୍ଭ କଲା, "ମା ମରିଯିବାରୁ ବାପାଙ୍କ ପାଖକୁ
ତାର କଲି; ମାତ୍ର ସେ ପକ୍ଷାଘାତରେ ଅଚଳ ହୋଇ ପଡ଼ି
ଥିବାରୁ ମତେ ନେଇ ତାଙ୍କ ପାଖରେ ଛାଡ଼ି ଦେଇ ଆସିବା
ପାଇଁ ଆମ ଦାଣ୍ଡ ଅଧର ଦାଦାଙ୍କ ପାଖକୁ ତାର କଲେ । ତା ପରେ
ଗାଈ ଦୁହିଁଟି ଓ ଘରର ସମସ୍ତ ~~ଆସବାବ~~ ବିକାବିକି କରି କିଛି
ଟଙ୍କା ଧରି ଅଧର ଦାଦା ମତେ କଲିକତା ଆଣିଲେ ।
କଲିକତାରୁ ଆମେ ଏଇ ପାଲ ଜାହାଜରେ ଯାଉଥାଉ

GPNanda Colln., Digitized by srujanika@gmail.com

ମାଣ୍ଡି ଅଧର ଦାଦା ବାରଅଡ଼୍ ବାର ଅସୁବିଧା ଦେଖାଇ ସେ ପାଠ ପଢ଼ା ବନ୍ଦ କଲେ । ମାସ ଗୃହରେ ତାଙ୍କର ଉଦର୍ଣ୍ଣ ବହାରରେ ମୁଁ ଏପରି ବ୍ୟତିବ୍ୟସ୍ତ ହୋଇ ପଡ଼ିଲି ଯେ, ମତେ ବାଧ୍ୟ ହୋଇ ପାଖଘରେ ଥିବା ଜଣେ ବୃଦ୍ଧାଙ୍କର ମଘରେ ସେହି ଦିନଠାରୁ ଶୋଇବାକୁ ପଡ଼ିଲା । ଅଙ୍କ ପୂର୍ଣ୍ଣ ଙ୍କ ପିଢ଼ାତଥା । ଅଜ ମଧ୍ୟ ତାଙ୍କର ପିଢ଼ାର ଲକ୍ଷ୍ମା ନ ବାର ଦେଖି ମୁଁ ଭାବନାରୁ ମଝି ଏଠାକୁ ଅଣିଲେ । ଟିକଟ ଜଣି ଏଣେ ତେଣେ ବୁଲିଲେ । ମୁଁ ବୁଝିଲି, ଏଥର ମୋର ଉ ନିସ୍ତାର ନାହିଁ । ତେଣୁ କୌଣସି ଉପାୟ ନ ଦେଖି ଘାରେ ଡେଇଁ ପଡ଼ିବି ବୋଲି ବସିଥିଲି, ତୁମକୁ ଦେଖିଲି ।” ତକ କହୁ ସେ ଗୋଟିଏ ଦୀର୍ଘ ନିଶ୍ୱାସ ତ୍ୟାଗ କଲା । ପୂର୍ଣ୍ଣ ବାବୁ ମନେ ମନେ ଭାବିଲେ, “ଏତେ ଦୁଃଖେ ମାତୃଶୂନ୍ୟ । ହେଁ ଯାଇ ଗଙ୍ଗାରେ ଅଶ୍ରୟ ନେବାକୁ ବାହାରିଥିଲି । ତୁହେଁ ଦୁହିଁଙ୍କ ଯୋଗୁଁ ରକ୍ଷା ପାଇଲି । ଯୋଗେଶ୍ୱର ବିଧାତାର ଇଚ୍ଛା, ମୁଁ ବଞ୍ଚି ରହିବି ! ହେଉ, ଘଟଣା-ସ୍ରୋତରେ ଏ ବ୍ୟର୍ଥ ଜୀବନ ଯେଉଁ ଦିଗକୁ ଗତି କରୁଛି କରୁ ।” ଭବିଷ୍ୟତର ଗୋଟିଏ ଅନିଶ୍ଚିତ ଓ ଅସ୍ପଷ୍ଟ ଛବି ସେ ମନେ ମନେ କଳ୍ପନା କରି ପୁଣି ସେ ବାଳକକୁ ପଚାରିଲେ, “ତୁମ ବାପାଙ୍କର ନା କଅଣ ?”

¹ ବାଳକ—ନରେନ୍ଦ୍ରନାଥ ସାସମଲ୍ । ପୂର୍ଣ୍ଣ—ତୁମେ ଜାତିରେ ବଙ୍ଗାଳି ନା ଓଡ଼ିଆ ? ବାଳକ ଅଟେ ବଙ୍ଗାଳି ପୂର୍ଣ୍ଣ—ତୁମର ଭାତୃ ଅଛି । ବାଳକ—ହଁ । ପୂର୍ଣ୍ଣ—ପ୍ରଥମରେ ସେଥିରେ କଅଣ ଲେଖା ଅଛି ଜାଣ ? ବାଳକ—ହଁ, ମା

GPNanda Colln., Digitized by srujanika@gmail.com

ମତେ ଛାଡ଼ିଦେଇ ଅଛି ଗୋଟିଏ ଛାତକଟ୍ଟର ଜଞ୍ଜାଳ ଦେଖାଇ ଦେଉଥିଲେ । ସେଥିରେ ଘର ଶ୍ରୀ ଚୈତନ୍ୟ ଗୌରପ୍ରଭୁ ଓ ନିତ୍ୟାନନ୍ଦଙ୍କ ଓ ଅନ୍ୟ କେତେଣ ସବୁ ଲେଖାଥିଲା । ପୂର୍ଣ୍ଣ—ପ୍ରଚ୍ଛା ହତ୍ରିବ ମାସରେ ତୁମ ଘରେ କି କି ବ୍ରତ ଓ ଉତ୍ସବ ହୁଏ । ବାଳିକା—ହଁ ମା ଥିଲେ ବେଳେ ପୌଷ, ଦୋଳ ଓ ମଙ୍ଗଳା ପୂଜା ହେଉଥିଲା । ପୂର୍ଣ୍ଣ—ଦେଖ ଏ ସବୁରୁ ଜଣା ପଡ଼ୁଛି ତୁମେ ଓଡ଼ିଆ । ପୁଣି ଠାକୁର ଘରଙ୍କ ନାମ ଓ ଜଗାଧି ତୁମ ଜାତିକେତେ ଲେଖା ହେଉଛି । ପୌଷ, ଦୋଳ ଓ ମଙ୍ଗଳବାର ଅମ ଓଡ଼ିଆ ଜାତି ଛଡ଼ା ଅନ୍ୟ କେହି କରନ୍ତି ନାହିଁ । ବାଳିକା ନା ନା, ଦାଦା ଅନେକ ବଙ୍ଗାଳି, ଓଡ଼ିଆ ନୋହୁଁ । ଦାଦା ତୁମେ କୋଠରୀରେ ଉପରେ, ମୋ କଥା ଶୁଣି ହସିଲେ ପର ? ପୂର୍ଣ୍ଣ—ତୁମ ପରି ଅନେକ ଓଡ଼ିଆ ଓଡ଼ିଶାରୁ ବାହାରି ଯାଇ ନିଜର ଜାତିକୁ ଭୁଲି ନିଜକୁ ଅନ୍ୟ ଜାତି ବୋଲି ପରିଚୟ ଦେଉଛନ୍ତି । ସେଥିରେ ମୁଁ ବଡ଼ ଦୁଃଖିତ ହେଉଛି ।"

ଏତିକି କହି ପୂର୍ଣ୍ଣବାବୁ ବସି କରି ଅନେକ କଥା ଭାବିଲେ । ଏହି ସମୟରେ ସେ ଅନାଦ୍ୟ ସୁନ୍ଦର ବାଳିକାଟି ଅତି ଅଧୀର ଚିତ୍ତରେ ଟୋପିକପଡ଼ ତାଙ୍କର ଦେହ ଝାଡ଼ୁଥରେ ନିଶ୍ଚିନ୍ତରେ ଦେଖାଉଥିଲା । ପୂର୍ଣ୍ଣବାବୁ ଅନେକ ତାହାର ସେ ଲଜ୍ଜାଶୀଳ ମୁଖମଣ୍ଡଳକୁ ଅତୀବ ବଡ଼ ଅନୁନୟ ସ୍ୱରରେ କହିଲେ, "ତୁମେ କିଏ ଜାଣିନାହିଁ । ତେବେ ଦୋଷ ଅଛି ଏ ଅଭାଗିନୀ ଜୀବନକୁ ରକ୍ଷା କର ଓ ଏତେ ଅନ୍ଧକାର ମଧ୍ୟରେ ଅସୁଖ୍ୟାଣିତ ହୃଦୟରେ ମୋ ଠାରେ ଦୟାର ସ୍ଥାପନ କର ନିଶ୍ଚୟ ମୁକ୍ତାଣ୍ଡଚିହ୍ନ ହଠାତ୍ ନିର୍ବୃତ୍ତରେ ମୋ ପାଖରେ ଗୋଡ଼ ପଡ଼ିଲି ।" ଲେଉଟିବାବେଳେ ପୂର୍ଣ୍ଣବାବୁଙ୍କ ନିଦ ହୋଇଗଲା ଓ ସେ ନେଉଟାରେ ଲୋଟି ପଡ଼ିଲେ ।

GPNanda Colln., Digitized by srujanika@gmail.com

ଆଗ କଥା ଆଗ

ପୂର୍ଣ୍ଣବାବୁଙ୍କର ମା ପ୍ରକୃତରେ ମର ନ ଥିଲେ । କଲିକତା-ତନ୍ତ୍ରରେ ଦୁର୍ବଳଣ ବାତୁଡ଼ା ପଥାନ ଥିଲେ । ଅନ୍ୟ ବାଙ୍କୁଡ଼ା ଧାନର ସ୍ତ୍ରୀ ଯୋଡ଼ା ହେଉଥିବାର ଦେଖି ବେହେରା ଦେଇ ଥାଇ, ପୂର୍ଣ୍ଣବାବୁଙ୍କର ମା ବୋଲି ଅନୁମାନ କରି ପୂର୍ଣ୍ଣବାବୁଙ୍କୁ ଖବର ଦେଲେ । ପୂର୍ଣ୍ଣବାବୁ ଅଲକ୍ଷରେ ରୋଦନ କରୁଥିଲେ । ତାଙ୍କର ପତ୍ନୀ କୌଣସି ମତେ ସେହା ଜାଣି ନ ଥିଲେ । ତାଙ୍କର ମା ମଲେ ବୋଲି ପୁଅ ଘର ପାଇ ନାସ୍ତୁ ଅସିନ, ମାସ ହେ ନ ଅସିବାରୁ ଓ କୌଣସି ଛଟିଏଣ ନ ଦେବାରୁ ବୃଦ୍ଧାଙ୍କର ମନରେ ପାପ ଛୁଇଁଲା ।

ଉକ୍ତଘଟଣାପରେ ଅନେକ ଲୋକଙ୍କଠାରୁ ଜଣାଗଲା ଯେ, ପୂର୍ଣ୍ଣବାବୁ ମାତାଙ୍କର ମୃତ୍ୟୁ ସମ୍ବାଦରେ ଭ୍ରମପ୍ରମାଦ ପାଇ ସଂସାର ତ୍ୟାଗୀ ହୋଇଛନ୍ତି । ତଥାପି ମା ମନବୋଧ ହେଉନ୍ଥ ଉଭେଦେଦେ ? ବୁଢ଼ୀ ଗ୍ରାମର ଜଣେ କଲିକତାରୁ ଫେରି ଅସିବା ଦୁଇ ଦିନର ରେଲଭଡ଼ା ଓ କଲିକତା ରହଣୀ ଖରଚ ଦେଇ ପୁଅଙ୍କର ଖୋଜ ନେବାପାଇଁ କଲିକତା ପଠାଇଲେ । ସେ ଏକଦିନ ପୂର୍ଣ୍ଣବାବୁଙ୍କର କୌଣସି ତଥ୍ୟ ନ ପାଇ ପନ୍ଦର ଦିନ ପରେ ଗ୍ରାମକୁ ଫେରି ଅସିଲେ । ବୁଢ଼ୀ ଏତେମାତ୍ର ପୁଅଙ୍କର ନିରୁଦ୍ଦେଶରେ ଅତ୍ୟନ୍ତ କାତର ହୋଇ ପଡ଼ିଲେ ଓ ଏ ସାମ୍ପ୍ରତିକାଳରୁ ଛଡ଼ାଇ ଶୀଘ୍ର ଦେହଖଣ୍ଡ ପାଇବେ ବୋଲି ଥିବାର ଗାଁଗୋସାଇଁଙ୍କ ଠାରେ ଦନ୍ତକ ଅତୁଳ ପ୍ରାର୍ଥନା କଲେ । ମାତ୍ର ସେ ମରିବ ନ ପୁରବା ପର୍ଯ୍ୟନ୍ତ କିଏ ଜୁଅଁତେଇ ପାଉଛି ?

GPNanda Colln., Digitized by srujanika@gmail.com

କଡ଼ାଙ୍କର କଥା ସ୍ୱତନ୍ତ୍ର । ସ୍ୱାମୀ ଯେ କଅଣ ? ତାଙ୍କର ସ୍ନେହ ସୋହାଗ ଯେ କି ପଦାର୍ଥ—ତାହା ସେ ଦିନ ପାଇଁ ବୁଝି ଜାଣି ନ ଥିଲେ । ସେ ବୃଦ୍ଧା ଶାଶୁଙ୍କୁ ମାଆଠାରୁ ବ କରି ସ୍ନେହ ଓ ଭକ୍ତି କରୁଥିଲେ । ତାଙ୍କର ସେବା ଶୁଶ୍ରୂଷାରେ ଦିନ କଟାଉ ଥିଲେ । ଗୃହୀ ମଧ୍ୟ ଏ ସେବାପରାୟଣା, ସଂସା ସୁଖ ଅନଭିଜ୍ଞ ସ୍ୱବତୀ ବଧୂଟିକୁ ପ୍ରାଣଠାରୁ ବଳି ସ୍ନେହ କରୁ ଥିଲେ । ତେଣୁ ଶାଶୁଙ୍କର ଘୋର ମନସ୍ତାପରେ ସେ କଡ଼ା ବିଚଳିତା ହୋଇପଡ଼ିଲେ । ସ୍ୱାମୀଙ୍କର ନିରୁଦ୍ଦେଶ ଯୋଗୁ ନୁହେଁ । ସେମାନଙ୍କର ଭରଣପୋଷଣ ପାଇଁ କଡ଼ାଙ୍କ କୌଣସି ଚିନ୍ତା ନ ଥିବ । କାରଣ ସେ ଜାଣିଥିଲେ ଯେ ତାଙ୍କର ସ୍ୱଚ୍ଛଳ ପିତା ସେମାନଙ୍କର ଏପରି ଅବସ୍ଥା ଶ୍ରବଣ—ମାତ୍ରେ ସେମାନଙ୍କୁ ନିଶ୍ଚୟ ସାହାଯ୍ୟ କରିବେ ।

ଜମିଦାର ଘର ଦଖଲ ନେବା ଦିନରୁ ଶାଶୁ ବୋହୂ ଦୁଇପ୍ରାଣୀ ଭାଗବତ ଟୁଙ୍ଗିଅଗରେ ବସୁଥିଲେ । ଏ ଭାଗବତ ଟୁଙ୍ଗିଟି ପଧାନ ଘରର । ମାଣି କେତେକ ଜମି ପଧାନଙ୍କ କେହି ପୂର୍ବପୁରୁଷ ଠାକୁରଗୋପାଳଙ୍କର ନାଁରେ ଉତ୍ସର୍ଗ କରି ଦେଇ ଯାଇଥିଲେ । ଗ୍ରାମର ସାଧୁପଣ୍ଡା ସେ ଜମିର ସମସ୍ତ ଅମଳ ନିଜେ ନେଇ ଠାକୁରଙ୍କର ନିତ୍ୟ ନୈମିତ୍ତିକ ସେବା ପୂଜା କରୁଥିଲେ । ଅବଶ୍ୟ ପର୍ବପର୍ବାଣିମାନଙ୍କରେ ପଧାନଘରୁ ନାନାବିଧ ଭୋଗ ସାମଗ୍ରୀ ଠାକୁରଙ୍କ ନିକଟକୁ ଯାଉଥିବ । କେ କଦାଚିତ ଅତିଥି ବା ଅଭ୍ୟାଗତ ଗ୍ରାମକୁ ଆସିଲେ ସେହି ଭାଗବତ ଟୁଙ୍ଗିଅଗରେ ରହୁଥିଲେ । ସନ୍ଧ୍ୟାବେଳେ ଗ୍ରାମର ଲୋକମାନେ ଆସି ଭାଗବତ ବା ପୁରାଣ ଶୁଣିବା ପାଇଁ

GPNanda Colln., Digitized by srujanika@gmail.com

...ଠାରେ ବନ୍ଦ ହେଉଥିଲେ । ବର୍ତ୍ତମାନ ସେହି ପ୍ରଧାନ
...ର ଦୁଇଟି କାରଣରୁ ଜୀବନ ସେହି ଭାଗବତ ଘର ବୃନ୍ଦା-
...ଶ୍ରୀ ଆଶ୍ରୟ ହେବ ।

ଶାସ୍ତ୍ର ବୋଝ ଦୁହେଁ ସକାଳ ଓଳ ଗାଦିର ପ୍ରସାଦ
...ବା କରନ୍ତି ୨ ଘଡ଼ିଓଳ ବାଟୁଲା ପାଆନ୍ତି । ପୂଜାଙ୍କର
...ଙ୍କୁ ସାତଟଙ୍କା ଖାଇ ଗଲର ଦଅନ୍ତି । ସୁଖେ ଦୁଃଖେ ଦୁହେଁ
...ତ୍ରିଟର ଚଳ ପାଆନ୍ତି । କନ୍ୟା ପିତୃଦତ୍ତ ଅର୍ଥରୁ ଓ ମ...ର୍ଣ୍ଣ
...ରୁ କଲିକତାରୁ ପଠାଉଥିବା ଟଙ୍କାରୁ କିଛି କିଛି ସଞ୍ଚୟ କରୁଥିଲେ ।

ପୂର୍ଣ୍ଣବାବୁଙ୍କର ନିରୁଦ୍ଦେଶ ହେବାର ପ୍ରାୟ ଦୁଇ ମାସ
...ରେ ଦିନେ ଛତାଙ୍କର ପିତା ତାଙ୍କ ଗ୍ରାମରୁ ଦୁଇ ସ୍ତ୍ରୀଲୋକଙ୍କୁ
...ଙ୍କରେ ଧରି ଭାଗବତ ଘରେ ଆସି ପହଞ୍ଚିଲେ । ବୃଦ୍ଧା ବୈଷ୍ଣବ
...ବଳିଭକ୍ତମାନଙ୍କର ଯଥାଶକ୍ତି ସେବା କଲେ । ଶେଷରେ
...ଏ ସମ୍ବନ୍ଧୀଙ୍କର ସଙ୍ଗରେ ଦୁଇଘଣ୍ଟା ପଦ ଦୁଃଖ ସୁଖ
...ଲି ପରେ ତାଙ୍କର ଆସିବା ଅଭିପ୍ରାୟ ବ୍ୟକ୍ତ କଲେ । ସେ କନ୍ୟା-
...ଙ୍କୁ ସେ ଏପରି ନିଃସହାୟ ଅବସ୍ଥାରେ ଛାଡ଼ି ଦେଇ
...ଇ ପାରିବେ ନାହିଁ । ସେ କନ୍ୟାକୁ ଘରକୁ ନେଇ ଅନ୍ୟ
...ତୀର୍ଥପିଠରେ ବଳ ପାଇଁ କିଏ ଦେଖି ତାକୁ ଉଠାଇ ଦେବେ
...ବୃଦ୍ଧାଙ୍କୁ ନେଇ ତାଙ୍କ ଘରେ ରଖିବେ ଏହିକଥା ସ୍ଥିର
...ଛନ୍ତି ବୋଲି କହିଲେ । ଝିଅକୁ ସାଙ୍ଗେ ସାଙ୍ଗେ ନେବା-
...ରେ ସମ୍ବନ୍ଧୀଙ୍କର ଅନୁମତି ଲୋଡ଼ିଲେ ।

ଏ କଥା ଶୁଣି ବୃଦ୍ଧାଙ୍କର ପେଟ ଭିତରୁ କୋହ ଉଠି
...ଆସିଲା ଓ ଆଖି ଲୁହରେ ଛଳଛଳ ହୋଇଗଲା । ଏ ଦେଖି

GPNanda Colln., Digitized by srujanika@gmail.com

ଚନ୍ଦ୍ରକଳା, ସଂସାର ସୁଖ ବଞ୍ଚିତା ଓ ପ୍ରିୟମ୍ବଦା ଝିଅଟିକୁ ଅ-
ଅତ୍ୟନ୍ତ ସ୍ନେହ କରୁଥିଲେ । ପୁଣି ପୁତ୍ର ଜଗୁଦେବଙ୍କ ମୃତ୍ୟୁ
ସଂସାରରେ ଏକମାତ୍ର ଆପଣାର ଓ ଏପରି ଘୋର ଦୁଃ-
ଖରେ ଏକମାତ୍ର ଆଶ୍ରୟ ଇତାଙ୍କର ଉପରେ ତାଙ୍କର ସ୍ନେ-
ହ ସହସ୍ର ଗୁଣ ବଢି ଯାଇଥିଲା । ଆଜି ବାହୁଡ଼ା ପଧାନ-
ଙ୍କର ଏକମାତ୍ର କୁଳବଧୂ ଅନ୍ୟ ସ୍ଥାନରେ ବିଦାୟ ହେବ
କଥା ଭାବି ତାଙ୍କର ହୃଦୟ ଭିତର ହାହାକାର କରି ଉଠିଲା ।
ମାତ୍ର ସେ ପତିପରାୟଣା ବୃଦ୍ଧା ଶେଷରେ ଭାବିଲେ ଯେ ଏ
ପୋଡ଼ା କର୍ମରେ ତ ସୁଖ ନାହିଁ । ଧନେ ତାଙ୍କର ସବୁ ଥିଲା
ମାତ୍ର ଆଜି ସବୁ ଯାଉଛି । ତେବେ ତାହାଙ୍କି ଏ ନାତୁଣୀ
ସଂସାର ସୁଖ ଅନଭିଜ୍ଞା ଷୋଡ଼ଶୀ ବଧୂଟିକୁ ସାଙ୍ଗରେ ଓଗାରି
ଚିରଜୀବନ ଦଗ୍ଧ କରିବେ ? ବରଞ୍ଚ କେଉଁଠାରୁ ଯାଇ
ରହିଲେ ସୁଖରେ ଘର କରି ରହୁ । ସେତ ଯାଉ ଅଧିକ
ଘଟୁଥିଲା କଷ୍ଟ । ଏହିପରି ଅନେକ କଥା ଭାବି ଶେଷରେ ସେହି
ଧୈର୍ଯ୍ୟବତୀ ବୃଦ୍ଧା ବଡ଼ ସ୍ଥିର ଭାବରେ କହିଲେ, "ସମ୍ବନ୍ଧୀ-
ଙ୍କର କଥାରେ ମୋର କିଛି ଆପତ୍ତି କରିବାର ନାହିଁ । ମୁଁ ତ
ଅଛି ବାଟରେ ବସିଲିଣି । ଏ ଷୋଳବରଷୀ ନାତୁଣୀଙ୍କୁ
ବେକରେ ବାନ୍ଧି କରି କେତେ କାଳ ରଖିବି ? ମୋ ପରି ଦୁଃଖୀ
କପାଳୀଠା ପାଖରେ ସେ ରହିଲେ ତାହାଙ୍କ ଅଦୃଷ୍ଟ ହେବ ।
ସେ ମା ଯାଉ ସୁଖରେ କେଉଁଠାରେ ହେଲେ ଘରଦ୍ବାର
କରୁ । ମୋ ମା ପାଇଁ ମୁଁ ପତିତପାବନ ସଚ୍ଚା ବିଶ୍ବାଳ ଗୋପାଳଙ୍କ-
ଠାରେ ମୁଣ୍ଡିଆ ମାରିବି । ମାତ୍ର ସମ୍ବନ୍ଧୀ, ମୁଁ ଏହି ଗାଁରେ ଜାତି
କଟାଇଛି, ଏହିଠାରେ ମରିବି ଏ ବୟସରେ ମୁଁ ଆଉ କେଉଁଠିକୁ
ଯିବି ନାହିଁ ।" ଏତିକି କହିଲା ପରେ ଅତି ଆଦରରେ ଏକାନ୍ତ

GPNanda Colln., Digitized by srujanika@gmail.com

ଶ୍ୟ...ର ଅଶ୍ରୁ ବିଚ୍ଛେଦରେ ତାଙ୍କର ହୃଦୟ ଭାର ହେଲା ।
ମାତ୍ର...ସେ ମନକଥା ମନରେ ମାରି ଜଗାଙ୍କର ବିଦ୍ୟାଳୟରୁ
ଯିବା...ର ଅପ୍ରୋଜନ କରିବାକୁ ଯାଉଥିବା ସମୟରେ ଜଗା
ଜନ...ନୀ ପାଖରେ ଠିଆ ହୋଇ ସମସ୍ତଙ୍କୁ ଶୁଣିବା ଭଳି ଉଚ୍ଚରେ
ପଣ୍ଡି...ପିତାଙ୍କୁ କହିଲେ, "ବାପା ! ମୁଁ ଆପଣଙ୍କର କଥାରେ
କଦା...ପି ରାଜି ହୋଇ ନ ପାରେ, ଆପଣ ସିନା ମତେ ଜନ୍ମ
ଦେଇ...ଛନ୍ତି ମାତ୍ର ଭଗ୍ବାନ ଦେଇ ନାହାନ୍ତି । ମୋର ତ ଥରେ
ବିବା...ହ ହୋଇଛି, ଅଉ ଥରେ ପୁଣି କଅଣ ହେବ ?
ଚିର...ଜୀବନ କୁମାର ବ୍ରତ ପାଳନ କରିବାକୁ ଭଗବାନ ମୋ
ମନ...ରେ ଖୁବ୍ ଶକ୍ତି ଦେଉଛନ୍ତି । ମୁଁ ଅଉ ଆପଣମାନଙ୍କର
ଆ...ରେ ଗାଢ ଠୋପାଏଁ ଅଶ୍ରୁ ହାତ କରାଇ ଦେଇ ନିଶ୍ଚୟ
କରୁ...ଛି ମୁଁ ଚିର ଜୀବନ କୁମାର ହୋଇ ରହିବି । ମୋ ପାଇଁ
ଆପ...ଣମାନଙ୍କର କୌଣସି ଭୟ ବା ସନ୍ଦେହ କରିବାର କାରଣ
ନା...ହିଁ । ସମଝିବାରୁ ଚଳ, ଶେଷରେ ସାତପୁରୁଷୀ ଛଡ଼ି ଫେରିଲ
କି...ଲେ, ପୁଣି ନିଜକଦେବା । ସନ୍ଧ୍ୟାରେ ତ ଷାଠିଏ ବର୍ଷର ବୁଢୀ
ତାହାଁ...ର ଉପରେ ସୃଷ୍ଟି ଏ ଗନ୍ଧା । ଏପରି ଅବସ୍ଥାରେ ସେଠାକେ-
ବେ...ଳ ମୋର ସେବା ନ ନୂଆ ତାଙ୍କର ବିଶେଷ ଇଚ୍ଛା, ସେହି
ସମ...ୟରେ ମୁଁ ନିଜର ସୁଖ ପାଇଁ ତାଙ୍କୁ ନିରାଶାଗୀ କରି
ଥିବି...ନ୍ତି ବିଳମ୍ବିତ । ନା ବାପା ! ତୁମ ଆଜ୍ଞା ଦ୍ୱାରା ଏହା
କଦା...ପି ହୋଇ ନ ପାରେ ।" ଏ କଥା ଶୁଣି ବୁଢୀ ମନେ
ମନେ ଭାବିଲେ ଯେ ବୋହୂ ତାଙ୍କୁ ଏକୁଟିଆ ଛାଡ଼ି ଦେବାକୁ
ମଙ୍ଗୁ...ନାହିଁ, ତେଣୁ ସେ ଜଗାଙ୍କର ପିତୃତ୍ବଙ୍କୁ ଦିବା ପାଇଁ ସମ୍ମତ
ଜଣା...ଇଲେ ମାତ୍ର ଜଗା ଆଉ ବାଧା ଦେଇ କହିଲେ, "ନା
ମା ... ସେ କଥା ହୋଇ ପାରିବ ନାହିଁ । ମୋ ...ଜନ୍ମମାଆଙ୍କର

GPNanda Colln., Digitized by srujanika@gmail.com

ଯେପରି ସବ ଦୁହିତ, ତହିଁରେ ସେଠାକୁ ଯାଇଁ ସବୁବେଳେ ଲାଗଗଞ୍ଜଣା ସହିବା ଅପେକ୍ଷା ଏଠାରେ ରହି ଭିକ ମାଗିବା ଭଲ ।"

ଝିଅର ଏପରି ଅମାନିଆ କଥା, ପୁଣି ତା ଉପରେ ତାଙ୍କର ଅତି ଆଦରର ଦ୍ୱିତୀୟ ପକ୍ଷ ସ୍ତ୍ରୀଙ୍କୁ ଏତେ ବେଢଙ୍ଗର ଅତ୍ୟାଚାର ଏପରି ଅପମାନ, ଏଥିରେ ସ୍ୱାମୀ ବାପୁଡ଼ା ରାଗି ଜର ନିଆଁବାଣ ହୋଇଗଲେ । ଝିଅ ତାଙ୍କ କଥା ମାନି ସାଙ୍ଗରେ ନ ଗଲେ ସେ ସେମାନଙ୍କୁ ସାହାଯ୍ୟ କରିବା ଦୂରେ ଥାଉ, କନ୍ୟାଙ୍କର ମୁଖାବଲୋକନ ସୁଦ୍ଧା କରିବେ ନାହିଁ ବୋଲି ଧବଳେଶ୍ୱରଙ୍କର ହାତ ପକାଇ ନିୟମ କଲେ । ଏ କଥା ଶୁଣି ଛିତା ଦୁଃଖ-ସ୍ୱରରେ କହିଲେ, "ବାପା ! ଆପଣ ଯାହା କହିଲେ ତାହା କରି ପାରନ୍ତି । ମାତ୍ର ମୁଁ ମୋର ବୁଢ଼ୀ ଶାଶୁଙ୍କୁ ଏପରି ଅବସ୍ଥାରେ ଛାଡ଼ି କୁଆଡ଼େ ଯାଇପାରିବି ନାହିଁ ।" ପିତାଙ୍କ ସଙ୍ଗରେ ଯିବା ପାଇଁ ବୁଢ଼ୀ ବୋହୂଙ୍କୁ ଅନେକ ପ୍ରକାର ବୁଝାଇଲେ ମାତ୍ର "ଯେତେ କହିଲେ ଭାଗବତ, ତୋଷ ନୁହଇ ମୋର ଚିତ୍ତ।" ଛିତାଙ୍କର ସେହି ଏକ କଥା । କନ୍ୟା ନ ଯିବାରୁ ଶେଷରେ ସ୍ୱାମୀ ଏ କହିଲେ, "ସମୁଦୁଣୀ ଏଣିକି ମୋ ଦୋଷ ଛାଡ଼ କଲି । ଆଜିଠାରୁ ଆଉ ଏ ଦୁଆର ମାଡ଼ିବି ନାହିଁ । ସମସ୍ତ ଅନ୍ନବସ୍ତ୍ରର ମୋ ଉପରେ କିଛି ଭରସା ରଖିବ ନାହିଁ । ଏଣିକି ତୁମ ଘରେ ତୁମେ ଦେଖିବ, ମୁଁ ଯାଉଛି ।" କହି ରାଗରେ ଘରବାର ହୋଇ ଚାଲିଗଲେ ।

GPNanda Colln., Digitized by srujanika@gmail.com

ଦଇବ ଦଉଡ଼ି ମଣିଷ ଗାଈ,
ଯେଣିକି ଓଟାଏ ତେଣିକି ଯାଇ ।

ଶାଶୁବୋହୂ ଦୁହେଁ ପ୍ରସାଦ ସେବା କରି ସାରିଲା ପରେ ପୁଣି କଥା ଧରିଲେ । ପୂର୍ବର ସୌଭାଗ୍ୟ ସଙ୍ଗରେ ଏବର ...ତିନୀ ଦୁର୍ଦ୍ଦଶାର ତୁଳନା କରି ତାଙ୍କର ପ୍ରାଣ ଫାଟି ... ହୋଇଗଲା । ସବୁ ଦିନ ପରି ଛଡା ନାନୀଙ୍କୁ ... ରହି ଶାଶୁଙ୍କର ଗୋଡ଼ ମୋଡ଼ୁ ଦେଇ ଦେଇ କ...ଲେ, "ମା ! ଏଣିକି ଆମକୁ ଗୋଟାଏ କିଛି ବାଟ ଧ...ବାକୁ ହେବ । ସେତ ଦେଖୁଥାଉ ଚଳେ । ବାପାଙ୍କ ଉ...ରେ ସାହା ଭରସା ଥିଲା ସେ ସବୁ ଅନ୍ତରଙ୍କୁ ଛୁଟିଗଲେ । ସେ... ଭଳି ଏକଭାଗିଆ କେବଳ, ସାହା କେହିଲେ ସେହିଥି କରନ୍ତି । ସେ...ରେ ଗୋଟାଏ କିଛି ଉପାୟ ଠିକ୍ କରିବା ଦରକାର ।"

...ତୀ—ମାଅ ତୋର ସମ୍ପଦଙ୍କର ସାଙ୍ଗରେ ନିତା ଭଟିରୁ ଥିଲା । ଆ...ର ଆଉ କି ବଳ ଅଛି, ଈଶ୍ୱରଙ୍କର ଧାରିବା ଭରସା ।

ଛଡା—ମା, ଦଇବ ଉପରେ ନିର୍ଭର କରି ବସିଲେ କୌଣ ଆ... ଚଳିବ ନାହିଁ । ନିଶ୍ଚୟ ଗୋଟାଏ କିଛି ଫନ୍ଦା ଧରିବାକୁ ...ହେବ । ଘରଟରୁ ବଟେଳବ କରି ମୁଁ ସୁଖ ଭୋଗ କରିବା ...ଶିଖିଲୁ । ସେତକ ଟଙ୍କାରେ କଅଣ ଚଳିଲ ଆମେ ଦୁହେଁ ...ଦିନ ସୁଖରେ ଚଳିପିବା ?" ଦୁହେଁ କିଛି ସମୟ ଚିନ୍ତା କରି ...ସ୍ଥିର କଲେ—ତଳକୋଠ ଟଙ୍କାରେ ଦୁଇଟି ଦୁହାଁଳିଆ ଗାଈ ...କିଣି ଦୁଧ ଦହି ବେପାର କଲେ ଲାଭ ହେବ । ଆମେ ଯେ ଅ...ଣିତା ଦାଣ୍ଡର ଦୁଆରଣୀ । ଠାକୁର ଆମର ସେଥି

GPNanda Colln., Digitized by srujanika@gmail.com

ତତ୍‌ପଣ ରସିକଜନ୍ତୁ ଯେ ଅନେକ ପ୍ରକୃଷ୍ଟ ମାନବଦୂତ ଙ୍କ
ଚାଲିବା ?"

ଏ କଥା ଶୁଣି ଗଉଡ଼ା କହିଲେ, "ମୁଁ ଆଉ କେ...ଟିଏ କଥା କହୁଛି । ତୁମ ମନକୁ କିପରି ପାଉଛି ? ମୋ ବା...ଘର ଗାଁର ମଣି ଭଣ୍ଡାରୁଣୀ ନାଁ ଶୁଣିଥିବ ? ଏକ ଖାଲ ଗାଁରେ ପିଲାଙ୍କ ବଡ଼ ଭକ୍ତ ହେଲେ ମଣିକୁ ଜାଣନ୍ତି ସବୁ । ସ...ଗାତ ସେଠି ଦୁଣୀ । ଏକା ଯାଜକେ ଗୋରକୁ ଟାଣିବେ ବାଛ ...ଜନି ମିବା ନେଇ । ମୋ କନ୍ଦଳ ମା ତାଙ୍କୁ ଧନ୍ଦ ଦିଅ କରିଥି...ଲୁ । ମୁଁ ତା ପାଖରେ ଜଟାଇବାକୁ ଯେ ପିଲାଙ୍କ ବାଛେସ ...ଗା ଜର, ତାଟ, ଲୁହୁମି ଓ ଆଉ କେତେଗୁଡ଼ିକୁ ରୋଗ ପା...ଙ୍ ଓଷଧ କହୁ ଦେଇଥିଲି । ମୁଁ ସେ କେତେ ଟଙ୍କା ଖାତା...ରେ ଲେଖି ରଖିଥିଲି । ଅଙ୍କ ବାପା ଗୁଲଡିବା ପରେ ବାଭ୍‌ସ ...ଜୁ ନଷ୍ଟ ହେଉ ଖାତା ଖଣ୍ଡିକ ମୋ ଆଖି ଆଗରେ ପଡ଼ିଲା । ଯେତେ ଲଣାଟକ ମୋ ଭାବରେ କଥ କହୁଦେଇ ସେ ତା...ରି ଦ୍ୱାରା ଅନେକ ଜାବକା ନାହିଁ କରିବା ।" ବୁଢ଼ୀ କହିଲ ଏତ ...ଦ୍ କଲି କଥା । କରାଗାବଲି ଡେଲ । ଅମ ପିଲାଦେନ ଏହୁ ...ଗାଁ ରେଣ୍ଡାରେ କେଉଁଣି ଜଣେ ଲୁଣ୍ଟା ଓଷଧ ଜାଣିଥିଲେ । ପି...ଙ୍କ ପାଇଁ ଡାକ୍ତର ବୈଦ୍ୟ ଲୋଡ଼ା ହେଉ ନ ଥିଲେ । ଏ...ଙ୍କୁ ଓଷଧିଏ ମନେ ପଡ଼ୁଛି । ମୁଁ ତ ମୋଟୀ ବଢ଼ିବ କଥା ଶୁଣିଥି...ଲୁ । ଦେବୀଙ୍କୁ ଜମ ପୁଷ୍ପରୁ ଛଡ଼ାଇ ଆଣିବା ନେଇ । ସେ ...ଙ୍କା ବର୍ଷନଟାକୁ ସେତେ ଟଙ୍କା ବନ୍ଧ କରିଥିଲେ । ବିଚରାଟି ଅ...ଧା ବୟସରେ ଗୁଲିଗଲେ । ବୁଢ଼ା ଟଙ୍କା ପାଇଁ ତା ପୁଅ ମାଙ୍କ...ର ଜଟାଇବାକୁ ସେ ଯୋଗୀବଇଦର ସବୁ ପୋଥି ଥ...ଣି

GPNanda Colln., Digitized by srujanika@gmail.com

କୃଷ୍ଣଙ୍କୁ ଦେଇଦେଲି । ତୁ ତ ବନ୍ଧୁ ମୋ ପରି ମୂର୍ଖ ନୋହୁଁ — ପୁରାଣପାଠ ପଢ଼ିଛୁ; ପୁଣି ସାହେବଙ୍କ ପାଠ ବି ପଢିଛୁ । ସେ ତେଣୁ ଭାଗବତ-ଗାଦିରେ ଅଛୁ । କାଲି ପୂଜାବରୁ ବନ୍ଦ ସେ ତେଣୁ ବାହାର କରି ଦେଇଗଲି । ତୋ ପ୍ରସ୍ତାବ ମୋ ମନକୁ ଖୁବ୍ ପାଉଛି । ଗାଦୀଙ୍କ ନାଁରେ ଶୀଘ୍ର କାମ ଆରମ୍ଭ କର ।"

କଥାବାର୍ତ୍ତା ପରେ ଉଭା ଶାସ୍ତ୍ରଙ୍କ ନିକଟରେ ନିଶ୍ଚିନ୍ତରେ ଶୋଇ ପଡ଼ିଲେ । ଗୁଡ଼ୀଙ୍କର ଆଖିକୁ ନିଦ ଆସିଲା ନାହିଁ । ତାଙ୍କ ଘର ମନ୍ଦିରର ଦ୍ୱାରଦେଶରେ ଦଣ୍ଡାୟମାନ ହୋଇ ନିଷ୍ପ୍ରଭା ବୃଦ୍ଧା ପାଇଁ ଏ ସଂସାର-ସୁଖବଞ୍ଚିତା ଯୁବତୀ ଆଜି ଯେ ଏକ କଠୋର ତ୍ୟାଗ ସ୍ୱୀକାର କରୁଛନ୍ତି, ତାହା ଭାବିବାରେ ଲାଗିଲେ । ସେ କୌଣସି ପ୍ରକାରେ ସୁଖଦୁଃଖରେ ତାଙ୍କର ଜୀବନର ସ୍ୱଳ୍ପାବଶେଷ ଦିନ କେତୋଟି କଟାଇ ଦେଇପାରନ୍ତେ; ମାତ୍ର ଏ ସର୍ବତ୍ୟାଗିନୀ ବଧୂଟି ଯୋଗୁଁ ତାଙ୍କର ଏକମାତ୍ର ପ୍ରାର୍ଥିତ ମରଣ କଥା ବି ଭାବିବାକୁ ସାହସ ହେଉ ନାହିଁ । ତେଣୁ ବୃଦ୍ଧା ଗୋଟିଏ ଦୀର୍ଘଶ୍ୱାସ ତ୍ୟାଗ କରି ସୁପ୍ତା ବଧୂଙ୍କର ମସ୍ତକରେ ହସ୍ତ ସଞ୍ଚାଳନ କରି ଦେବାଶିଷ-ଭିକ୍ଷା କରି ଚକ୍ଷୁ ମୁଦ୍ରିତ କଲେ ।

ନିଶାବସାନରେ ତୀବ୍ରକଣ୍ଠ କୁକ୍କୁଟର ରବରେ ଉଭୟଙ୍କର ନିଦ୍ରାଭଙ୍ଗ ହେଲା । ସଙ୍ଗେ ସଙ୍ଗେ କନ୍ୟାଲତୀ-ମଣି ଉଷାର ଆଗମନୀ ସଙ୍ଗୀତ ଗାଇ ଉଠିଲେ । ଜଣା ଖେଇରୁ ଯେଉଁ, ଜୀବିକା ନିର୍ବାହ ପାଇଁ ସେ ଯେଉଁ ନୂତନ ଉଦ୍ୟମ କରୁଛନ୍ତି, ତାର ସଫଳତା କାମନାରେ ଗାଦି ଗୋସାଇଁଙ୍କର ଉଦ୍ଦେଶ୍ୟରେ ଗୋଟିଏ ବ୍ୟାକୁଳ ପ୍ରାର୍ଥନା କରି ଘରଦ୍ୱାର ଓଳାଇ ଗାଧୋଇବା ପାଇଁ ବାହାରିଲେ । ସୁନ୍ଦର ଘର

GPNanda Colln, Digitized by srujanika@gmail.com

ରଚିସ୍ଥରେ କେତେ ଗୁଡ଼ାଏ ବାଳିକା ଖୁଦୁରୁକୁଣୀ ଓଷା ପାଳିବା ଭଳି ନୂଆ ତୋଳିବାରେ ବ୍ୟସ୍ତ । କେନାଗର ବନ୍ଧ ସେ ଆଡ଼ରେ ଅନ୍ୟ କେତୋଟି ବାଳିକା ହୁଳହୁଳି ସ୍ୱରରେ ଗ୍ରାମର ନିସ୍ତବ୍ଧତା ଭଙ୍ଗ କରି ବଉଳ ଫୁଲ ଗୋଟାଉଥିଲେ । ଦାମା ମା ଦାଣ୍ଡପିଣ୍ଡାରେ ଧଡ଼ୀ କୁଟୀଟି ପିନ୍ଧିବାର ଏ ଅନଦର ନିତାନ୍ତ ଅସନ୍ତୁଷ୍ଟ ହୋଇ ବେଙ୍ଗ ବେଙ୍ଗ ହୋଇ ଶୁଣ୍ଠବୀ-ର କରିଛି । ଗ୍ରାମ ଉପକଣ୍ଠ ବଥଳି-ଖଳା-କୁଡ଼ଅ ଦୁଆରେ ବୁଢ଼ା ଦେବଳ ପଧାନ ବସି ଚିଙ୍ଗା ଲଗାଉଛ ବୋଲି ଫଙ୍କି ଝାଙ୍କୁଛି । ରଙ୍ଗୀ ତେଲୁଣୀ ଦାଣ୍ଡ ଅଗଣାରେ କଳ ବାଦ୍ୟରେ ନିନାଦିତ ହଉଛି ବୋଲି ଗୃହବଧୂ-ନିନାଦ କଣ୍ଠରେ ତାର ଅପରାହ୍ନର ପୁଷ୍ପଗନ୍ଧ ଉଦେଶ୍ୟରେ ଅଭିବ ଚାନ୍ଦର ବଂଶୋ ବନ୍ଧୁଛି । ଖିଚାଙ୍କ ପର ଅନ୍ୟ କେତୋଟି ଅବଗୁଣ୍ଠିତା ଗୃହ-ନବବଧୂ ଚଟଣଦ୍ରମେନକୁ ଯଥାସମ୍ଭବ ଟେଳ କର ଚାନ୍ଦ୍ରୁ କୂଠକୁ ଧାଇଁଛନ୍ତି । ଛତାଙ୍କର ଯୌବନ ଉଚ୍ଛ୍ୱାସ ନାହିଁ । ସ୍ନାନାର୍ଥିନୀ ସଙ୍ଗିନୀମାନଙ୍କର କେତେଟି ପ୍ରଶ୍ନର ଯଥାସମ୍ଭବ ଅଳ୍ପରେ ଉତ୍ତର ଦେଇ ସେ ତରତର ହୋଇ ସ୍ନାନ କରିବାକୁ ବାହାରିଲେ । ଗାଦିଙ୍କ ପାଖରେ ମନ୍ତ୍ରିଅ ମାରି ଦାନ୍ତ ଘଷିବା ପାଇଁ ଶାଶୁଙ୍କୁ ଉଠାଇଲେ । ବୁଢ଼ୀ ନିତ୍ୟକର୍ମ ଶେଷ କରି ଗାଦିଙ୍କର ପାଖରେ ମନ୍ତ୍ରିଅ ମାରି ପେଟର ସମ୍ମୁଖରେ କଥା ପାଇଁ ତାଙ୍କ ପାଦତଳେ ପଡ଼ିଲେ । ନବ-ବଧୂ ବା ଅଳଙ୍କାର ପିନ୍ଧିଲେ ହିଁ ଅବୋଧମାନେ ଗୁରୁଜନମାନଙ୍କର ପଦବନ୍ଦନା କରନ୍ତି । ତେଣୁ କଥା ନୂଆ କାହିଁ ପିନ୍ଧିଛନ୍ତି ବୋଲି-ଅନୁମାନ କରି ବୁଢ଼ୀ ତାଙ୍କର ହାତକୁ ଅନାଇଲେ । ଜଗା ଭୂଷିତ ପାଦଯୁଗ ମସ୍ତକ ସ୍ପର୍ଶ କରି

GPNanda Colln., Digitized by srujanika@gmail.com

କହିଲେ, "ମା, ସଂସାରରେ ତୁମେ ମୋର ପିତା, ମାତା, ଗୁରୁ, ଇଷ୍ଟଦେବତା । ମୁଁ ଆଜ ଯେଉଁ ନୂତନ କାର୍ଯ୍ୟରେ ହାତ ଦେଉଅଛି, ଆଶୀର୍ବାଦ କରନ୍ତୁ, ମୋର କାମନା ପୂର୍ଣ୍ଣ ହେଉ ।" ବୃଦ୍ଧୀ – "ଯାହାର ମୁଣ୍ଡରେ ସବୁ ବେଳେ ଅଯାଚିତ ଆଶୀର୍ବାଦ ବର୍ଷୁ ହେଉଅଛି, ତାର ପୁଣି ଆଶୀର୍ବାଦ ଲୋଡ଼ା । ତେବେ ଯେଉଁ ଗାଦ ଗୋସେଇଁଙ୍କର ନାମରେ ଏ କାର୍ଯ୍ୟ ଆରମ୍ଭ ହେଉଛି, ସେ ତୋ ମନ କାମନା ପୂର୍ଣ୍ଣ କରିବେ ।"

ଏହା ପରେ ମୁଷ୍ଟିଯୋଗ ଔଷଧଗୁଡ଼ିକ କ୍ରମେ କ୍ରମେ ପ୍ରସ୍ତୁତ କରାଗଲା । ଗାଦିରେ ଥିବା ବୈଦ୍ୟଶାସ୍ତ୍ର ପୋଥି ନେଇ ଅଣାକ ଗ୍ରାମର ଶ୍ରେଷ୍ଠ ବଇଦଙ୍କର ସାହାଯ୍ୟରେ କେତେ ଦିନ ସମସ୍ତ ଅଧ୍ୟୟନ କରିବାରେ ଲାଗିଲେ । ପ୍ରତିଦିନ ନିତାନ୍ତ ନିତ୍ୟକର୍ମ ପରେ ଅଧିକାଂଶ ସମୟ ପୋଥି ପଢ଼ିବା ଓ ଔଷଧ ପ୍ରସ୍ତୁତ କରିବାରେ ବ୍ୟୟିତ ହୁଏ । ପ୍ରଥମେ ପ୍ରଥମେ ସେ କେତେଗୁଡ଼ିଏ ଔଷଧ ପ୍ରଚାର ଉଦ୍ଦେଶ୍ୟରେ ମାଗଣା ବାଣ୍ଟିଲେ । ତାଙ୍କର ଔଷଧରେ ଆଶ୍ଚର୍ଯ୍ୟ ରକମର ଫଳ ହେଲା । ଭଲା ଲୋକ ପୁଅକୁ ତା ମାବାପ ଛାଡ଼ି କରି ବସିଥିଲେ । ତିନିଯାନ ଔଷଧରେ ରୋଗ ହଟିଲା । ଆଠ ଦଶଦିନ ପରେ ସେ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇଗଲେ । ଗୁରୁବାରି ମା ଧୋବଣୀକୁ କିଏ ବଞ୍ଚିବ ବୋଲି କହୁଥିଲା ? ଫୁଲି କରି ଗଡ଼ କାଠ ପରି ହୋଇ ଯାଇଥିଲା । କିନ୍ତୁ ତାଙ୍କର ଚିକିତ୍ସାରେ ସେ କ୍ରମେ କ୍ରମେ ଭଲ ହୋଇ ଉଠି କରି ହିଙ୍କିଏ ବୁଲାବୁଲି କରିପାରିଲାଣି । କେତେ ମକଦମଙ୍କର ମଝିଅ ପୁଅ କଟକରେ ଚାରି ମାସ କାଳ ରହି ମୁଠା ମୁଠା ଟଙ୍କା ଖରଚ କରି ଶଗଡ଼େ ଔଷଧ ଖାଇ ଡାକ୍ତରଠାରୁ ଉଲଗା ପର୍ଯ୍ୟନ୍ତ ଇଞ୍ଜେକ୍ସନ ଫୋଡ଼ା ହେଲା । ଶେଷରେ ଡାକ୍ତର ଓ ... ଛାଡ଼ି ଛାଡ଼ି ଦେଇ ।

GPNanda Collu, Digitized by srujanika@gmail.com

ମନ୍ଦିରେ ଡାକ ପଡ଼ିବେ ! କାରଣ ହୋଇ ସାଙ୍ଗେ ତପସ୍ବି ଜଡ଼ାଙ୍କଠାରୁ କାମ୍ବୁମିଟରୁ ପେ ଓଟେଦ ଖାଇ ଏବେ ଶ୍ରୋ ଘଣ୍ଟାଏ ପଥ ଅଭ୍ରଟିଲେଣି ।

ଜୁଆ ଉଷୁନା

ଏହି ସମୟରେ ଗୁଣ୍ଡି ଅଞ୍ଚଳେ ଗୋଟାଏ ବଡ଼ ହୋଟ- ଲ୍ରେ ସେ କାଳିଦାସପନ୍ତ ସ୍ବର୍ଣ୍ଣପାଦଠାରେ ହୁକୁ ଦଅନ୍ତି ହଜନ୍ତି । ଅରେ ବାବୁ ! ଘନ ପାଦୁକ ବେଳ ହଟବତଚାଦପଠରେ ମଣିଷ ଅଟପଟାଳି । ଦଶ ପଦ...ର କୋଷ ବାଟନ୍ତୁ କୋଟିଭ ଅଗ୍ନି ହାଙ୍ଗର । ସେମାନଙ୍କ ମଧ୍ୟରୁ ପଢ଼ିବ ଯଣ ଜପଣିବୃଷ୍ଟି ଚଣ୍ଡୀ ତନ ବଡ଼ା ସ୍ତ୍ରୀ । କଟି...ଲା ଅବ ! ତାହାର ଗଛ ଫଳୁ ନାହିଁ, ତାହାର ସ୍ୱାମୀଙ୍କୁ ଡେ ଓଝା ବସନ୍ତ ସେ ସସ ଘା ସ୍ତ୍ରୀକୁ ପଢ଼ ଅଶିଟ... ଅନାଇ ନାହିଁ, ଭାଷା ପୁଅ କଲିକତାରେ ପାଠବ...ର୍ଗ ହେବ ରହୁଛନ୍ତି, ଘର ନାଁ ଧରୁ ନାହିଁ—ଇତ୍ୟାଦି ଇତ୍ୟାଦି । ସାଧାରଣ ରୋଗ ତଥା ଗୁଡ଼, ଅଜୀର୍ଣ୍ଣ, ଅନ୍ଧ, ପ୍ଲେଟ... ଇଣା ଭୁଲିମାନେ ହୁକୁମ ପାଇଁ ଦଉଡ଼ୁଛନ୍ତି । କିନ୍ତୁ ସେମାନଙ୍କୁ ମୂହୂର୍ତ୍ତରେ କହୁଥିଲେ ସେ, ଜୀ ହୁକୁମ ଦେଇ ତାହାଙ୍କୁ, ମୁକ୍ତ ହୋଇ କବିରାଜି ଆରମ୍ଭ କରନ୍ତି । ମାଏ ଡାକତ ...ଥା କୁହନ୍ତୁ କିଏ ? ସେ ବରକୁ ହୋଇ ତାହାକୁ ପାନେ ଔଷଧ, ତାହାକୁ ଟାଙ୍କନ୍ତୁ ତୁଳସୀ ଦେଇ ବୋଧ କଲେ । କହି ଅରଦାନଠାରୁ କେତେ ସମାଗମ ଭୁଗ୍ନା ହେଲେ ମଧ ବନ୍ଦ ହେଲା ନାହିଁ । ଲିଖା ଓଡ଼ିଶିଲେ ଦେଖା ଘୋଡ଼ ଘୋଡ଼

GPNanda Colln.; Digitized by srujanika@gmail.com

ମାର୍ବାଳ । ଔଷଧ ମାଟେଗଣା ବାକ୍ସ ବାକ୍ସ ତାଙ୍କର ପାଣ୍ଡି ଦେଶରୁ ! ତେଣୁ ସେ କିଛି କିଛି ପଇସା ନେଇ ଔଷଧ ଦେଲେ । ବଡ଼ ଲୋକ ଓ ସେଠାର ଗୃହସ୍ଥ ଦେଖି ସେ କେତେ ଭଲ ଦାମ ନେଇ ଦରିଦ୍ରମାନଙ୍କୁ ଅଳ୍ପ ମୂଲ୍ୟରେ ବା ବିନା ମୂଲ୍ୟରେ ଔଷଧ ଦେଲେ । ଦିନକୁ ଦିନ ତାଙ୍କର ଅର୍ଥ ବଢ଼ିଲା ଓ ତାଙ୍କର ହାତରେ ଭଲ ଗୁଡ଼ିଏ ପଇସା ହୋଇଗଲା । ଘରବାର ସବୁର ପୁନଃ ସଂସ୍କାର ହେଲା ଓ ତା ନିକଟରେ ସେମାନଙ୍କର ରହିବା ପାଇଁ ଗୋଟିଏ ସ୍ୱତନ୍ତ୍ର କୋଠା ତିଆର ହେଲା । ରୋଗୀସଂଖ୍ୟା ଅତ୍ୟଧିକ ବୃଦ୍ଧି ପାଇବାରୁ ଲିଡାଙ୍କୁ ବଡ଼ି ଭୋରରୁ ରାତି ଘଡ଼ିଏ ଟିକିଏ ନିଃଶ୍ୱାସ ମାରିବାକୁ ବେଳ ଅଣ୍ଟିଲା ନାହିଁ ।

ରାତ ଦୁଇ ପହରରୁ ରାତି ଦଶ ଘଣ୍ଟା ପର୍ଯ୍ୟନ୍ତ ସେ ରୋଗୀ ଦେଖନ୍ତି । ତେଣୁ ରାତିରେ କେବଳ ଦୁଇ ଚାରି ଘଣ୍ଟା ଶୁଅନ୍ତି । ବେଳେ ବେଳେ କୌଣସି ରୋଗୀର ଦରବାର ପଡ଼ୁଥିଲେ ମୋଟର ସମସ୍ତ ମଧ୍ୟ ବିଶ୍ରାମ କରି ପାରନ୍ତି ନାହିଁ । ପ୍ରଥମେ ପ୍ରଥମେ ସେ ବଡ଼ କ୍ଳାନ୍ତ ବୋଧ କଲେ । ମାତ୍ର କ୍ରମେ କ୍ରମେ ତାଙ୍କର ଏହା ଅଭ୍ୟାସ ହୋଇଗଲା । ବ୍ରହ୍ମଚର୍ଯ୍ୟ ପାଳନ କଲେ ଆହାର ଓ ନିଦ୍ରାକୁ ମନୁଷ୍ୟ ସହଜରେ ଜୟ କରିପାରେ ବୋଲି ତାଙ୍କର ଧାରଣା ହେଲା ।

ଜୀବନରେ ବେଳେ ବେଳେ ଏପରି ଗୋଟିଏ ଗୋଟିଏ ଘଟଣା ଘଟିଯାଏ, ଯାହା ଯୋଗୁ ମନୁଷ୍ୟ ନିତାନ୍ତ ବିବ୍ରତ ହୋଇ, ନିଜର ଭାଗ୍ୟକୁ ଧିକ୍କାର କରେ । ମାତ୍ର ତାହା ଯୋଗୁଁ ତାଙ୍କ ଜୀବନର [illegible] ନୂତନ [illegible]

GPNanda Colln., Digitized by srujanika@gmail.com

ଚଥରେ ବଡ଼ ବଟେ । ଜିତାଙ୍କର ଭାଗ୍ୟରେ ଏହିପରି ଏକ ଘଟଣା ଘଟିଲା ।

ବୁଢ଼ୀଙ୍କର ପିଠିରେ ଗୋଟାଏ ଘା ଉଠିଲା । ପ୍ରଥମରେ ହଳଦୀ ଓ ପରେ କବିରାଜ ଚିକିତ୍ସା କରାଗଲା । ଡାକ୍ତରଙ୍କ ବେଳେ ଉପଶମ ହେବା ଦୂରେ ଥାଉ, କ୍ରମେ କ୍ରମେ ବୃଦ୍ଧି ପାଇଲା । ଶେଷରେ ଜିତା ଉପାୟାନ୍ତର ନ ଦେଖି ଶାଶୁ ସବାରିରେ ପକାଇ କଟକ ବଡ଼ ଡାକ୍ତରଖାନାକୁ ଆଣିଲେ । ସେ, ଭାବିଲେ ବୋଧହୁଏ ବୁଢ଼ୀଙ୍କର ସେବକ ପୂରି ଯିବ । ସେଥିରୁ ସେ ଯେଉଁ ନୂତନ ଉଦ୍ୟମ କରି ଜନ୍ମରେ କୃତକାର୍ଯ୍ୟ ହୋଇ ଆସୁଥିଲେ, ତାହା ବୋଧହୁଏ ଏହିଠାରେ ସାର ହେବ । ତାଙ୍କ ସାଙ୍ଗରେ ଗ୍ରାମର ଅନ୍ୟ କେହି ପୁରୁଷ ନ ଆସିବାରୁ ସେ ଗ୍ରାମର ନବାବନ୍ଧୁବ୍ରାହ୍ମଣୀଙ୍କୁ ସାଙ୍ଗରେ ଆଣିଲେ । ଯାଉଁ ଯାଉଁ ବୁଢ଼ୀଙ୍କର ପିଠିରେ ଅସ୍ତ୍ର ପ୍ରୟୋଗ କରାଗଲା । ବୁଢ଼ୀ ଡାକ୍ତରଖାନାରେ ରହିଲେ । ବଣୀହାଟ ପୋଲ ପାଖରେ କୋଠିଏ ଘର ନେଇ ଜିତା ଓ ନବା ସେଠାରେ ଖିଆ ପିଆ କରି ସବୁବେଳେ ଆସି ବୁଢ଼ୀଙ୍କୁ ଜଗି ରହିଲେ । ବୁଢ଼ୀଙ୍କର ଦେହ କ୍ରମେ କ୍ରମେ ଆରୋଗ୍ୟ ହେଲା ।

ଏହି ସମୟରେ ଧାତ୍ରୀବିଦ୍ୟା ଶିକ୍ଷା କରିବାକୁ କେତେ ଜଣେ ଯୁବତୀଙ୍କୁ ନିଆଗଲା । ଏହି ବିଦ୍ୟା ଶିକ୍ଷା କଲେ ତାଙ୍କର ପ୍ରସାର ଖୁବ୍ ବଢ଼ିଯିବ ବୋଲି ଭାବି ବୁଦ୍ଧିମତୀ ଜିତା ଅଗତ୍ୟା କଷ୍ଟ ନ ଭାବି ଧାତ୍ରୀ—ଶ୍ରେଣୀରେ ନାମ ଲେଖାଇଲେ । ପ୍ରାୟ ଦୁଇମାସ ପରେ ବୁଢ଼ୀ ସଂପୂର୍ଣ୍ଣ ଆରୋଗ୍ୟ ହୋଇଗଲେ । ମାତ୍ର ବୋଧହୁଏ ପଚାରୁଛନ୍ତି, ସେ ତାଙ୍କୁ ଏକାକିନୀ ଛାଡ଼ି ଯାଆନ୍ତେ କିପରି ? [illegible] ଶେଷ ହେଲା

GPNanda Colln., Digitized by srujanika@gmail.com

ନ୍ତି ସେ ତାଙ୍କ ପାଖରେ ରହିଲେ । ଛତାଙ୍କର ଲେଖା-ଦେଖା
ଶା ପାର୍ବତୀଙ୍କୁ ଭାବ ପଢୁବାରୁ ତାଙ୍କର ସ୍କୁଲରେ ପଢୁ
ଥିଲେ । ଛତା ଅବସର ସମୟରେ ତାଙ୍କ ନିକଟକୁ ଯାଇ ଶବ-
